**ସୁନ୍ଦରଗଡ଼ ଲୋକସଭା ଆସନ**

# ରିପିଟ୍ ହେବ କି ଜୁଏଲ ନା ନୂଆମୁହଁ?

**ରାଉରକେଲା, ୧୮ ।୫(ସମିସ)**

ଆଉ ମାତ୍ର ଗୋଟିଏ ଦିନ ପରେ ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ହେବ। ଏହି ପର୍ଯ୍ୟାୟରେ ସୁନ୍ଦରଗଡ଼ ଲୋକସଭା ଓ ଏହା ଅଧୀନ ସମସ୍ତ ୭ ବିଧାନସଭା ଆସନ ପାଇଁ ମତଦାନ ଦେବ। ତେବେ ସୁନ୍ଦରଗଡ଼ ଲୋକସଭା ଆସନ ଦଖଲ ପାଇଁ ୩ ପ୍ରମୁଖ ଦଳ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ସଂସଦୀୟ କ୍ଷେତ୍ର ପାଇଁ ଲଢ଼େଇ ଜୋରଦାର ହେବ ବୋଲି କୁହାଯାଉଛି। ସୁନ୍ଦରଗଡ଼ ଜିଲ୍ଲାର ବଣାଇଁ, ରାଉରକେଲା, ରଘୁନାଥପାଲୀ, ବୀରମିତ୍ରପୁର, ରାଜଗାଙ୍ଗପୁର, ତଳସରା, ସୁନ୍ଦରଗଡ଼ ଆଦି ୭ ବିଧାନସଭା ନିର୍ବାଚନମଣ୍ଡଳୀକୁ ନେଇ ଏହି ଲୋକସଭା ନିର୍ବାଚନମଣ୍ଡଳୀ ଗଠିତ। ଏଠାରେ ସର୍ବାଧିକ ୭ ଥର ବିଜୟୀ ହୋଇଛି କଂଗ୍ରେସ। ୧୯୫୧, ୧୯୭୧, ୧୯୮୦ରୁ ୧୯୯୬ ପର୍ଯ୍ୟନ୍ତ ଏବଂ ୨୦୦୯ରେ କଂଗ୍ରେସ ଏହି ଗଡ଼ରେ ରାଜୁତି କରିଛି। କଂଗ୍ରେସର ଏହି ରେକର୍ଡକୁ ପ୍ରଥମଥର ୧୯୯୮ରେ ଭାଙ୍ଗିଥିଲା ବିଜେପି। ଜୁଏଲ ଓରାମ ଏଠାରୁ ବିଜେପି ପ୍ରାର୍ଥୀ ହୋଇ ସାଂସଦ ଭାବରେ ନିର୍ବାଚିତ ହୋଇଥିଲେ। ପରେ ୧୯୯୯ରୁ ୨୦୦୪ ଯାଏଁ ନିରନ୍ତର ଭାବରେ ବିଜେପି ଏଠାରୁ ପ୍ରତିନିଧିତ୍ୱ କରିଛି। ୨୦୦୯ରେ କଂଗ୍ରେସର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ହେମାନନ୍ଦ ବିଶ୍ୱାଳଙ୍କଠାରୁ ପରାସ୍ତ ହୋଇଥିଲେ ଜୁଏଲ। ପୁଣି ୨୦୧୪ ସହ ୨୦୧୯ରେ ଜନତା ଜୁଏଲଙ୍କୁ ବିଜୟୀ କରାଇଥିଲେ। ଏହିପରି ଭାବେ ବିଜେପି ଏଠାରେ ୫ ଥର ବିଜୟୀ ହୋଇଛି। ୫ ଥର ଏଠାରୁ ସାଂସଦ ହୋଇଥିବା ଜୁଏଲ ଦୁଇ ଦୁଇ ଥର କେନ୍ଦ୍ର ଆଦିବାସୀ ମନ୍ତ୍ରଣାଳୟରେ କ୍ୟାବିନେଟ ମନ୍ତ୍ରୀ ଭାବରେ ଦାୟିତ୍ୱ ପାଇଛନ୍ତି। ଚଳିତ ନିର୍ବାଚନରେ ବିଜେପି ପୂରା ଦମରେ ପ୍ରଚାର ପ୍ରସାର ଚଳାଇଛି। ଏଥର ଏହି ଲୋକସଭା ସହ ସମସ୍ତ ୭ ବିଧାନସଭା ଆସନ ମଧ୍ୟ ଦଖଲ କରିବା ପାଇଁ ଦଳ ପକ୍ଷରୁ ଦାବି କରାଯାଇଛି।

ସେହିପରି ବିଜେଡି ପକ୍ଷରୁ ବିକାଶକୁ ଏଥର ଅସ୍ତ୍ର କରାଯାଇଛି। ରାଉରକେଲା ସମେତ ସମଗ୍ର ସୁନ୍ଦରଗଡ଼ ଜିଲ୍ଲାରେ ଯେପରି ଅଭୂତପୂର୍ବ ବିକାଶ ହୋଇଛି ତାହାକୁ ଆଧାର କରି ବିଜେଡି ସାଂସଦ


ଦିଲୀପ ତିର୍କୀ


ଜୁଏଲ ଓରାମ


ଜନାର୍ଦ୍ଦନ ଦେହୁରୀ

ପ୍ରାର୍ଥୀ ଦିଲୀପ ତିର୍କୀ ନିଜ ପ୍ରଚାର କାର୍ଯ୍ୟକୁ ଜୋରଦାର କରିଛନ୍ତି। ଲୋକେ ବିକାଶକୁ ବୁଝିଛନ୍ତି। ଏଠାରେ ଲୋକଙ୍କ ବିକାଶ ସହ ରହିଛି ବିଜେଡି। ଲୋକେ ଚାହୁଁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ କରିବା ପାଇଁ ବୋଲି ଦିଲୀପ କହିଛନ୍ତି। ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ ୨୦୧୪ ଲୋକସଭା ନିର୍ବାଚନରେ ପ୍ରଥମ କରି ଲଢ଼ି ସୁନ୍ଦରଗଡ଼ ଜିଲ୍ଲାର ଟାଣୁଆ ଆଦିବାସୀ ନେତା ଜୁଏଲ ଓରାମଙ୍କୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ। ଦିଲୀପ ଜୁଏଲଙ୍କଠାରୁ ମାତ୍ର ୧୮, ୮୨୯ ଭୋଟ ବ୍ୟବଧାନରେ ପରାଜିତ ହେବା ବିଜେଡି ପାଇଁ କିଛି କମ୍ ଉପଲବ୍ଧି ନ ଥିଲା। ସେତେବେଳେ ଜୁଏଲ ୩, ୪୦, ୫୦୮ ଭୋଟ ପାଇ ନିର୍ବାଚିତ ହୋଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥୀ ଦିଲୀପ ତିର୍କୀ ୩, ୨୧, ୬୭୯ ଭୋଟ ହାତେଇଥିଲେ। ତେବେ ୨୦୧୯ ନିର୍ବାଚନରେ ଦିଲୀପଙ୍କୁ ବାଦ୍ ଦେଇ ବିଜେଡି ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ଝିଅ ସୁନୀତା ବିଶ୍ୱାଳଙ୍କୁ ଏଠାରେ ପ୍ରାର୍ଥୀ କରିଥିଲା। ମାତ୍ର ସେତେବେଳେ ବିଜେଡିକୁ ବିପୁଳ ଭୋଟ ବ୍ୟବଧାନରେ ପରାଜିତ ହେବାକୁ ପଡ଼ିଥିଲା। ୨୦୧୯ ନିର୍ବାଚନରେ ଜୁଏଲ ୫ ଲକ୍ଷ ୫୬ ଭୋଟ ପାଇ ନିର୍ବାଚିତ ହୋଇଥିବାବେଳେ ବିଜେଡି ପ୍ରାର୍ଥୀ ସୁନିତା ବିଶ୍ୱାଳ ୨, ୭୬, ୯୯୧ ଭୋଟ ପାଇବାକୁ ସକ୍ଷମ ହୋଇଥିଲେ। ଯାହାକି ଦିଲୀପ ତିର୍କୀଙ୍କ ଭୋଟ ବ୍ୟବଧାନ ତୁଳନାରେ ବହୁତ ଅଧିକ ଥିଲା। ତେବେ ୨୦୧୪ ନିର୍ବାଚନ ଏବଂ ୨୦୨୪ ନିର୍ବାଚନ ମଧ୍ୟରେ ଆକାଶପାତାଳ ଫରକ ରହିଛି। କାରଣ ଏହି ୧୦ ବର୍ଷ ମଧ୍ୟରେ ସୁନ୍ଦରଗଡ଼ ଜିଲ୍ଲାରେ ପ୍ରଭୂତ ବିକାଶ ହୋଇଛି। ବିଶେଷକରି କ୍ରୀଡ଼ା କ୍ଷେତ୍ରରେ ଅଭୂତପୂର୍ବ ଭିତ୍ତିଭୂମି ବିକଶିତ ହୋଇଛି। ସୁତରାଂ ଦିଲୀପ ତିର୍କୀଙ୍କ ପ୍ରାର୍ଥିତ୍ୱ ଜୁଏଲଙ୍କୁ କଡ଼ା ଟକ୍କର ଦେବ ବୋଲି ଆଶା କରାଯାଉଛି। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସୁନ୍ଦରଗଡ଼ ଜିଲ୍ଲାରେ ହୋଇଥିବା ବ୍ୟାପକ ବିକାଶମୂଳକ କାର୍ଯ୍ୟକ୍ରମ ସହ ରାଉରକେଲାରେ ବିଶ୍ୱସ୍ତରୀୟ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍ ତଥା ରାଉରକେଲା ଓ ଜିଲ୍ଲାର ସବୁ ବ୍ଲକରେ ହକିର ଭିତ୍ତିଭୂମି ଆଦିକୁ ପାଥେୟ କରି ଦିଲୀପ ଲୋକଙ୍କୁ ଭୋଟ ଭିକ୍ଷା କରିଛନ୍ତି। ସୁତରାଂ ବିଜେପି ହାତରେ ଥିବା ଏହି ସୁନ୍ଦରଗଡ଼ ଲୋକସଭା ଗଡ଼ ଏଥର ଦିଲୀପଙ୍କ ଜରିଆରେ ଦଖଲ କରିବାକୁ ବିଜେଡି ଲକ୍ଷ୍ୟ ରଖିଛି। ଅନ୍ୟପଟେ ନିଜ ବିଧାନସଭା ନିର୍ବାଚନମଣ୍ଡଳୀ ବଣାଇଁରେ ନିଜ ପତିଆରା ଏବଂ ଲୋକପ୍ରିୟତା ହରାଇଥିବା ଜୁଏଲ ଓରାମ ଗତ ନିର୍ବାଚନରେ କେବଳ ରାଉରକେଲା ଓ ବୀରମିତ୍ରପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ଭୋଟରେ ବିଜୟୀ ହୋଇଥିବା ବେଳେ ତାଙ୍କ ବିଧାନସଭା ବଣାଇଁ ସମେତ ଅନ୍ୟ ୪ ନିର୍ବାଚନ ମଣ୍ଡଳୀରେ ପଛରେ ରହିଥିଲେ।

ସେହିପରି କଂଗ୍ରେସ ପକ୍ଷରୁ ଏଥର ପ୍ରାର୍ଥୀ ହୋଇଛନ୍ତି କୋଇଡ଼ା ନିବାସୀ ଜନାର୍ଦ୍ଦନ ଦେହୁରୀ। କେନ୍ଦ୍ର ଏବଂ ରାଜ୍ୟରେ ନିଶ୍ଚୟ ସରକାର ଗଢ଼ିବୁ ବୋଲି ସେ ଦାବି କରିଛନ୍ତି। ସୁନ୍ଦରଗଡ଼ରେ ଆମେ ବିଜୟୀ ହେବୁ ବୋଲି ଦଳ କହିଛି। ଅପରପକ୍ଷେ ଏହି ଲୋକସଭା ଆସନରେ ଗଣତନ୍ତ୍ର ପରିଷଦ, ସ୍ୱତନ୍ତ୍ର ପାର୍ଟି, ଜନତା ପାର୍ଟି ଏବଂ ଜନତା ଦଳ ମଧ୍ୟ ପ୍ରତିନିଧିତ୍ୱ କରିଛନ୍ତି। ତେବେ ଏଥର ଏହି ଆସନ ଦଖଲ କରିବାରେ ବିଜେଡି ସଫଳ ହେବ ନା ବିଜେପି ରିପିଟ ହେବ କି କଂଗ୍ରେସ ଲୋକଙ୍କ ବିଶ୍ୱାସ ଜିତିବ ତା' ଉପରେ ସମସ୍ତଙ୍କ ନଜର ରହିଛି।

## ସରିଲା ନିର୍ବାଚନ ପ୍ରଚାର; ମତଦାନକୁ ଅପେକ୍ଷା

**ସୁନ୍ଦରଗଡ଼, ୧୮ ।୫(ସମିସ):** ଚଳିତ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ସୁନ୍ଦରଗଡ଼ ଲୋକସଭା ଓ ଏହା ଅଧୀନ ୭ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଆସନ୍ତା ୨୦ ତାରିଖ ଭୋଟ ଗ୍ରହଣ ହେବ। ଏଥିପାଇଁ ଶନିବାର ସନ୍ଧ୍ୟାରେ ନିର୍ବାଚନ ପ୍ରଚାର ଶେଷ ହୋଇଛି। ପ୍ରଚାରର ଅନ୍ତିମ ଦିନରେ ଶନିବାର ସମସ୍ତ ପ୍ରାର୍ଥୀ ଜୋରଦାର ପ୍ରଚାର କରିଛନ୍ତି। ତେବେ ତିନିଦିନ ତଳୁ ଏଠାରେ ଭୋଟ କିଣାବିକା ଆରମ୍ଭ ହୋଇଥିବା ଚର୍ଚ୍ଚା ହେଉଛି। ବିଜେପିର ସୁନ୍ଦରଗଡ଼ ବିଧାନସଭା ପ୍ରାର୍ଥୀ ବିଧାୟିକା କୁସୁମ ଟେଟେଙ୍କ ପ୍ରତିନିଧି ଭୀମସେନ ନାଏକ ଏବଂ ଅନ୍ୟ ୨ ବିଜେପି କର୍ମୀ ଭଷ୍ମା ଥାନା ଅନ୍ତର୍ଗତ କଇଁସରା ଗ୍ରାମରୁ ବିପୁଳ ଟଙ୍କା ସହ ଧରାପଡ଼ିବା ଘଟଣାରୁ ଭୋଟ କିଣାବିକା ଅଭିଯୋଗରେ ସତ୍ୟତା ଥିବା ମନେ ହେଉଛି। ସେ ଯାହା ହେଉନା କାହିଁକି ମତଦାତାମାନେ ଉତ୍ସୁକତାର ସହ ମତଦାନ ଅପେକ୍ଷାରେ ରହିଛନ୍ତି। ଏଥର ସୁନ୍ଦରଗଡ଼ ଜିଲ୍ଲାରେ ମତଦାନ ହାର ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି।

## ମହୁମାଛି ଆକ୍ରମଣରେ ଜଣେ ଗୁରୁତର

**ସୁନ୍ଦରଗଡ଼, ୧୮ ।୫(ସମିସ):** ମହୁମାଛି ଆକ୍ରମଣରେ ସୁନ୍ଦରଗଡ଼ ସଦର ବ୍ଲକ ଅନ୍ତର୍ଗତ ଧରୁଆଡିହି ଗ୍ରାମକୁ ଆସିଥିବା ଏକ ବରଯାତ୍ରୀ ଦଳର ଜଣେ ସଦସ୍ୟ ଗୁରୁତର ହୋଇପଡ଼ିଛନ୍ତି। ଏଥିରେ ଅନ୍ୟ ୨ ଜଣ ସାମାନ୍ୟ ଆହତ ହୋଇଛନ୍ତି। ସମ୍ବଲପୁର ଜିଲ୍ଲା ଗୋବିନ୍ଦପୁର ମଝାପଡ଼ାରୁ ଉକ୍ତ ବରଯାତ୍ରୀ ଦଳ ଏଠାକୁ ଆସିଥିଲେ। ବରଯାତ୍ରୀ ଦଳ ନାଚଗୀତ କରି କନ୍ୟା ଘରକୁ ଯାଉଥିବା ବେଳେ ହଠାତ ମହୁମାଛି ଆକ୍ରମଣ କରିଥିଲେ। ଏଥିରେ ବରଯାତ୍ରୀ ଦଳର ରାହୁଲ ନାଏକ ଗୁରୁତର ହୋଇଛନ୍ତି। ଅନ୍ୟ ବରଯାତ୍ରୀମାନେ ତାଙ୍କୁ ଉଦ୍ଧାର କରି ଗୋବିନ୍ଦପୁର ଡାକ୍ତରଖାରେ ଭର୍ତ୍ତି କରିଥିଲେ। କିଛିଦିନ ତଳେ ଟାଙ୍ଗରପାଲି ବ୍ଲକ ରେମଣ୍ଡା ଗ୍ରାମର ଜଣେ ବ୍ୟକ୍ତିଙ୍କର ମହୁମାଛି ଆକ୍ରମଣରେ ମୃତ୍ୟୁ ଘଟିଥିଲା।

## ପୁଲିସ ନିର୍ଯାତନା ଭୟରେ ଯୁବକଙ୍କ ଆତ୍ମହତ୍ୟା

**ସୁନ୍ଦରଗଡ଼, ୧୮ ।୫(ସମିସ):** ପୁଲିସ ନିର୍ଯାତନା ଭୟରେ ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ସିଆଁବାହାଲ ଗ୍ରାମର ଜଣେ ଯୁବକ ଆତ୍ମହତ୍ୟା କରିବା ଘଟଣା ଏଠାରେ ଆଲୋଡ଼ନ ସୃଷ୍ଟି କରିଛି। ସିଆଁବାହାଲ ଗ୍ରାମର ସୁଦର୍ଶନ ମାଝୀଙ୍କ ପୁଅ ବିନୋଦ ମାଝୀ (୩୨) ଲେଫ୍ରିପଡ଼ା ଥାନା କନିଆଁଘାଟି ଗ୍ରାମର ହୃଦାନନ୍ଦ ପ୍ରଧାନଙ୍କ ଝିଅକୁ ବିବାହ କରିଥିଲେ। ସମ୍ପ୍ରତି ତାଙ୍କର ଏକ ୮ ବର୍ଷ ବୟସର ଝିଅ ଅଛି। ବିନୋଦ ରଙ୍ଗମିସ୍ତ୍ରି ଭାବେ କାମକରି ତାଙ୍କ ପରିବାର ଚଳାଇ ଆସୁଥିଲେ। ତେବେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ହେବା ପରେ କିଛିମାସ ତଳେ ତାଙ୍କ ସ୍ତ୍ରୀ ଝିଅକୁ ନେଇ ବାପଘରକୁ ଚାଲି ଯାଇଥିଲେ। କିଛିଦିନ ତଳେ ବିନୋଦଙ୍କ ଶଶୁର ତାଙ୍କ ବିରୋଧରେ ହତ୍ୟା ଉଦ୍ୟମ ଅଭିଯୋଗ ଆଣି ଲେଫ୍ରିପଡ଼ା ଥାନାରେ ଏତଲା ଦେଇଥିଲେ। ପରେ ଲେଫ୍ରିପଡ଼ା ଥାନା ପୁଲିସ ବିନୋଦଙ୍କୁ ଥାନାରେ ହାଜର ହେବାକୁ ଫୋନ ଯୋଗେ କହିଥିଲା। କାର୍ଯ୍ୟବ୍ୟସ୍ତତା ଯୋଗୁଁ ସେ ଥାନାକୁ ଯାଇପାରୁ ନ ଥିବାରୁ ଜେଲରେ ଶଡ଼ିବାକୁ ତାଙ୍କୁ ଧମକ ଦିଆଯାଉଥିଲା। ଏପରିକି ତାଙ୍କ ବାପାଙ୍କୁ ମଧ୍ୟ ଧମକ ଚମକ ଦେଉଥିଲା ପୁଲିସ। ଏଥିରେ ଶାନ୍ତଶିଷ୍ଟ ପ୍ରକୃତିର ବିନୋଦ ଭୟଭୀତ ହୋଇପଡ଼ିଥିଲେ। ପୁଲିସ ନିର୍ଯାତନା ଭୟରେ ଗତ ବୁଧବାର ସେ ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ଡୁଙ୍ଗାଘାଟରେ ବିଷ ପିଇଦେଇଥିଲେ। ବିଷ ପିଇବା ପରେ ସେ ସଦର ଥାନାକୁ ଯାଇଥିଲେ। ଘଟଣା ସମ୍ପର୍କରେ ତାଙ୍କ ବାପାଙ୍କୁ ଫୋନ ଯୋଗେ ଜଣାଇବା ପରେ ସେ ମଧ୍ୟ ଥାନାରେ ପହଞ୍ଚିଥିଲେ। ସଦର ଥାନା ପୁଲିସର ପରାମର୍ଶ କ୍ରମେ ତାଙ୍କୁ ଚିକିତ୍ସା ପାଇଁ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ତାଙ୍କ ମୃତ୍ୟୁ ଘଟିଛି। କାର୍ଯ୍ୟରତ ଡାକ୍ତର ଥାନାକୁ ଏମଏଲସି ପଠାଇବା ପରେ ପୁଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ସଦର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

**● ନୂଆ ପାଣି ପାଇପ୍ ବିଛାଇବା ବେଳେ ପୁରୁଣା ନଷ୍ଟ**

## ଜଳ ଯୋଗାଣ ବ୍ୟାଘାତ, ମରାମତି ଦାବି

**ବାଲିଶଙ୍କରା, ୧୮ ।୫(ସମିସ):** ବାଲିଶଙ୍କରା ବ୍ଲକ କୁସୁମୁରା ପଞ୍ଚାୟତ କୁସୁମୁରା ଗ୍ରାମରେ ଜଳଯୋଗାଣ ପାଇଁ ନୂଆ ପାଇପ ବିଛାଇବା କାର୍ଯ୍ୟ ଜାରି ରହିଛି। ତେବେ ଗ୍ରାମରେ ଜଳ ଯୋଗାଣ ପାଇଁ ଆଗରୁ ବିଛାଯାଇଥିବା ପାଇପ ଭାଙ୍ଗିଯିବା ଦ୍ୱାରା ଅନେକ ଜାଗାରେ କାଦୁଅ ପାଣି ବାହାରୁଥିବାରୁ ତାହା ବ୍ୟବହାର ଅନୁପଯୋଗୀ ହୋଇଯାଇଛି। ଏବେ ଗ୍ରାମରେ ପାଣି ପାଇଁ ହାହାକାର ଦେଖାଦେଇଛି। ତୁରନ୍ତ ପୁରୁଣା ପାଇପ ମରାମତି କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।



## ୧୮୪୭ ବୁଥ୍‌ରେ ପହଞ୍ଚିଲେ ପୋଲିଂ ପାର୍ଟି

**ସୁନ୍ଦରଗଡ଼, ୧୮ ।୫(ସମିସ):** ଚଳିତ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଆସନ୍ତା ୨୦ ତାରିଖ ସୁନ୍ଦରଗଡ଼ ଲୋକସଭା ଓ ଏହା ଅଧୀନ ସମସ୍ତ ୭ ବିଧାନସଭା ଆସନ ପାଇଁ ଭୋଟ ଗ୍ରହଣ ହେବ। ଏଥିପାଇଁ ୭ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଥିବା ୧୮୪୭ ବୁଥ୍‌ରେ ପୋଲିଂ ପାର୍ଟି ପହଞ୍ଚି ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ କରିଦେଇଛନ୍ତି। ବଣାଇଁ ବିଧାନସଭା ନିର୍ବାଚନ ମଣ୍ଡଳୀରେ ସର୍ବାଧିକ ୩୦୯ ଭୋଟ ଗ୍ରହଣ କେନ୍ଦ୍ର ରହିଥିବା ବେଳେ ରଘୁନାଥପାଲି ବିଧାନସଭା ନିର୍ବାଚନ ମଣ୍ଡଳୀରେ ସର୍ବନିମ୍ନ ୧୯୩ କେନ୍ଦ୍ର ରହିଛି। ସେହିପରି ତଳସରା ନିର୍ବାଚନ ମଣ୍ଡଳୀରେ ୨୭୭, ସୁନ୍ଦରଗଡ଼ ନିର୍ବାଚନ ମଣ୍ଡଳୀରେ ୨୯୬, ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀରେ ୩୦୧, ରାଉରକେଲା ନିର୍ବାଚନ ମଣ୍ଡଳୀରେ ୧୯୭, ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀରେ ୨୭୪ ଭୋଟ ଗ୍ରହଣ କେନ୍ଦ୍ରରେ ମତଦାନ ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ଭୋଟ ଗ୍ରହଣ କେନ୍ଦ୍ରରେ ଜଣେ ଲେଖାଏଁ ପ୍ରିଜାଇଡିଂ ଅଫିସର ଓ ୫ ଜଣ ଲେଖାଏଁ ପୋଲିଂ ଅଫିସର ନିୟୋଜିତ ହୋଇଛନ୍ତି।



## ମା'-ପୁଅଙ୍କୁ ଅପହରଣ ଅଭିଯୋଗ

**ସୁନ୍ଦରଗଡ଼, ୧୮ ।୫(ସମିସ):** ହେମଗିରି ଥାନା ଅନ୍ତର୍ଗତ କନିକା ଗ୍ରାମରେ ମା'-ପୁଅଙ୍କୁ ଅପହରଣ ଅଭିଯୋଗ ହୋଇଛି। ଏ ନେଇ ଅପହୃତ ମହିଳାଙ୍କ ସ୍ୱାମୀ ପୁରୁଷୋତ୍ତମ ବଗାର ଥାନାରେ ଏତଲା ଦେବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ଗତ ୧୫ ତାରିଖରୁ ପୁରୁଷୋତ୍ତମଙ୍କ ସ୍ତ୍ରୀ ଓ ୧୩ ବର୍ଷୀୟ ପୁଅଙ୍କ ପତ୍ତା ମିଳୁ ନାହିଁ। ବହୁ ଖୋଜାଖୋଜି କରି ବିଫଳ ହେବା ପରେ ସେ ଥାନା ଦ୍ୱାରସ୍ଥ ହୋଇଛନ୍ତି।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. 08-KUR-TRD-OT-2024-25

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ ମଣ୍ଡଳରେ ରେଳବାଇ କ୍ରସିଂ ସଂଖ୍ୟା 183, 274, 317 ଏବଂ 320 ବନ୍ଦ କରିବା ବଦଳରେ ସୀମିତ ଉଚ୍ଚତା ବିଶିଷ୍ଟ ସବ୍‌ୱେ/ ରୋଡ୍ ଅଣ୍ଡର ବ୍ରିଜ୍ ସହିତ ରୋଡ୍ ଓଭର ବ୍ରିଜ୍‌ର ନିର୍ମାଣ।

ବିଜ୍ଞାପିତ ମୂଲ୍ୟ (₹): 14,32,273.78, EMD (₹): 28,700.00, ଶେଷ ହେବା ଅବଧି : 180 ଦିନ।

ବିକ୍ରି ଆରମ୍ଭ ହେବା ତାରିଖ : ତା.21.05.2024ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.04.06.2024 ରିଖ 1300 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଟେଣ୍ଡର କାଗଜପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବସାଇଟ୍ http://www.ireps.gov.inରେ ଉପଲବ୍ଧ ହେବ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍

PR-126/P/24-25

## ଘର ଘର ବୁଲି ଭୋଟଭିକ୍ଷା କଲେ ବିନୟ

**● ପାଦ ଛୁଇଁ ଆଶୀର୍ବାଦ ନେଲେ**

**ବାଲିଶଙ୍କରା, ୧୮ ।୫(ସମିସ):** ତଳସରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଲିଶଙ୍କରା ବ୍ଲକ ରାମପୁର ପଞ୍ଚାୟତ ରାମପୁର, ଖମପୁର, ଧୁଡ଼ିନୂଆଗାଁ, କୁରେଇ ପଞ୍ଚାୟତର କୁରେଇ, ଗଇକନପାଲି, ଜାମୁଦରହ ଆଦି ଅନେକ ଗ୍ରାମକୁ ଯାଇ ମାରାଥନ ପ୍ରଚାର କରିଛନ୍ତି ବିଜେଡି ବିଧାୟକ ପ୍ରାର୍ଥୀ ବିନୟ ଟପ୍ପୋ। ସେ ଘର ଘର ବୁଲି ଭୋଟ ଭିକ୍ଷା କରିବା ସହ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ଅନୁରୋଧ କରିଥିଲେ। ବୟସ୍କ ବ୍ୟକ୍ତିଙ୍କ ପାଦ ଛୁଇଁ ଆଶୀର୍ବାଦ ଲୋଡ଼ିଥିଲେ। ପ୍ରଚାର ସମୟରେ ଜୟନ୍ତୀ ଏକ୍କା, ଅନୁପ ସା, ଲମ୍ବୋଦର ସିଂ, ହୃଦାନନ୍ଦ ବାରିକ, ପ୍ରବୀଣ ଶେଖର ଦେଓ, ଅଶୋକ ଦେଓଙ୍କ ସମେତ ଦୁଇ ପଞ୍ଚାୟତର ବିଜେଡି କର୍ମୀମାନେ ଉପସ୍ଥିତ ଥିଲେ।



## ସୁନ୍ଦରଗଡ଼ ସହରରେ ବିଜେପିର ପଦଯାତ୍ରା

**● ସଂକଳ୍ପ ସମାବେଶ**

**ସୁନ୍ଦରଗଡ଼, ୧୮ ।୫(ସମିସ):** ସୁନ୍ଦରଗଡ଼ ସହରରେ ଶନିବାର ବିଜେପି ପକ୍ଷରୁ ପଦଯାତ୍ରା ଓ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଛି। ପୂର୍ବାହ୍ନରେ ସ୍ଥାନୀୟ ରଙ୍ଗାଡିପା ଛକରୁ ପଦଯାତ୍ରା ବାହାରି ରିଜେଣ୍ଟ ମାର୍କେଟ ଛକ, ପଞ୍ଚମୁଖୀ ହନୁମାନ ଛକ, ପାଲ ହୋଟେଲ ଛକ, ଡିଆରଡିଏ ଛକ ଦେଇ ହସ୍ପିଟାଲ୍ ଛକରେ ପହଞ୍ଚିଥିଲା। ପଦଯାତ୍ରାରେ ଓଡ଼ିଆ ସିନେ ତାରକା ସିଦ୍ଧାନ୍ତ ମହାପାତ୍ର ଯୋଗଦେଇ ବିଜେପିର ସୁନ୍ଦରଗଡ଼ ଲୋକସଭା ଏବଂ ବିଧାନସଭା ପ୍ରାର୍ଥୀଙ୍କ ସପକ୍ଷରେ ଭୋଟଭିକ୍ଷା କରିଥିଲେ। ହସ୍ପିଟାଲ ଛକରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ମହାପାତ୍ର ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଛତିଶଗଡ଼ର ଜଙ୍ଗଲ ମନ୍ତ୍ରୀ କେଦାରନାଥ କଶ୍ୟପ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଗଠନ କରିବାକୁ ଆହ୍ୱାନ ଦେଇଥିଲେ। ସାଂସଦଙ୍କ ପ୍ରତିନିଧି ବଟକିଶୋର ମିଶ୍ର ମଞ୍ଚ ପରିଚାଳନା କରିଥିଲେ।



**ROURKELA LAW COLLEGE, ROURKELA**
(Affiliated to Madhusudan Law University)
Accredited by NAAC
Admission into 1st Semester of 3 years LL.B. Degree Course (CBCS System) for the session 2024-2025

**ADMISSION NOTICE**

ELIGIBILITY: - 45% in Graduation or equivalent for General Candidates and 40% for ST/SC Candidates.
Application form will be available in the College Office from 8.30.00 AM to 10.30 A.M from 17/5/2024 on payment of Rs.500/- on cash by hand and Rs.800/- by Registered Post or download from college website www.rourkelalawcollege.in and submit along with a Demand Draft of Rs.500/-
**In Campus Hostel available for Girls only.**

For Admission Contact:
Mr. Tanmaya Raj Padhi (Asst.Prof.), Mob.: 09040402772.
Dr. Dibyendu Kumar Panda, Asst. Prof.
Mob.: 8249703585.
Mr.Akshaya Kumar Dash. Jr.Asst.
Mob.: 9439025508,8249701300.

Sd/- Principal

## ସାମାଜିକ କାର୍ଯ୍ୟଧାରାରେ ଜେଜେଟିଏ ଆଗରେ

**ସୁନ୍ଦରଗଡ଼, ୧୮ ।୫(ସମିସ):** ସ୍ଥାନୀୟ ଜୟ ଜଗନ୍ନାଥ ଟ୍ରକର୍ସ ଆସୋସିଏସନ୍ (ଜେଜେଟିଏ) ସୁନ୍ଦରଗଡ଼ରେ ସାମାଜିକ କାର୍ଯ୍ୟଧାରାକୁ ଆଗେଇ ନେଉଛି। ସିନ୍ଧି ସମାଜର ଅନୁରୋଧକ୍ରମେ ଶୁକ୍ରବାର ଏକ ଥଣ୍ଡା ପାନୀୟ ଜଳ ଯନ୍ତ୍ର ଜଗନ୍ନାଥ ମନ୍ଦିର ନିକଟରେ ଅବସ୍ଥିତ ଝୁଲେଲାଲ ମନ୍ଦିରରେ ସ୍ଥାପନ କରିଛି। ଜେଜେଟିଏ ଅଧ୍ୟକ୍ଷ ସଞ୍ଜୟ ନନ୍ଦ ଏହାକୁ ଲୋକାର୍ପଣ କରିଛନ୍ତି। ଏହି ଅବସରରେ ସିନ୍ଧି ସମାଜର ଦିଲୀପ ନାଥାନୀ, ହେମନ୍ତ ବଜାଜ, ଲାଲି ନାଥାନୀ, ନାନକରାମ ଭୋଜ୍ୱାନୀ, ସୁନୀଲ ପୋକରାନୀ, ରୂପଚାନ୍ଦ ନଥାନୀ, ବବିତା ରତ୍ୱାନି, ସଙ୍ଗୀତା ନାଥାନୀଙ୍କ ସମେତ ସମାଜର ବହୁ ସଦସ୍ୟ ଉପସ୍ଥିତ ଥିଲେ। ସମାଜର ଏହି ନିବେଦନକୁ ସମ୍ମାନ ଦେଇଥିବାରୁ ସମସ୍ତେ ଜେଜେଟିଏ ଓ ଅଧ୍ୟକ୍ଷ ନନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।



**● ପୁଣି ଏକ ଥଣ୍ଡା ପାନୀୟ ଜଳ ଯନ୍ତ୍ର ସ୍ଥାପନ**

କୋଇଲା ପରିବହନ ବ୍ୟବସାୟ ସୁନ୍ଦରଗଡ଼ ଅଞ୍ଚଳର ଭାତହାଣ୍ଡି ସାଜିଛି। ଅନେକ ବ୍ୟକ୍ତି ଏହି ବ୍ୟବସାୟରୁ ନିଜ ପରିବାର ପ୍ରତିପୋଷଣ କରିଆସୁଛନ୍ତି। ଏଭଳି ଅନେକ ଟ୍ରକ୍ ମାଲିକମାନଙ୍କୁ ନେଇ ଗଠିତ ଜୟ ଜଗନ୍ନାଥ ଟ୍ରକର୍ସ ଆସୋସିଏସନ୍ ଗଠନ ହେବା ପରଠାରୁ ସୁନ୍ଦରଗଡ଼ର ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ଏହି ସଂଘର ବଡ଼ ଅବଦାନ ରହି ଆସିଛି। ସୁନ୍ଦରଗଡ଼ର ଅର୍ଥନୈତିକ ବିକାଶ ସହ ଅନ୍ୟାନ୍ୟ ସାମାଜିକ, ସାଂସ୍କୃତିକ ଓ କ୍ରୀଡ଼ା କ୍ଷେତ୍ରରେ ବିକାଶ ଏହାର ମୂଳ ଲକ୍ଷ୍ୟ ରହିଛି। କରୋନା ମହାମାରୀ କାଳରେ ଜେଜେଟିଏର ବିଶେଷ ଅବଦାନ ରହିଛି। ପ୍ରବାସୀ ଓଡ଼ିଆଙ୍କ ପାଇଁ ରନ୍ଧା ଖାଦ୍ୟ, ଶୁଖିଲା ଖାଦ୍ୟ ଯୋଗାଣ ସହ ତାଙ୍କୁ ଠିକଣା ଜାଗାରେ ପହଞ୍ଚାଇବାରେ ସଂଘ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। କରୋନାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ମୃତଦେହ ଦାହ ସମୟରେ ନିଃଶୁଳ୍କ କାଠ ଯୋଗାଇ ଆସିଥିଲା। ଏହି ସାମାଜିକ କାର୍ଯ୍ୟକୁ ଆଗକୁ ନେଇ ସୁନ୍ଦରଗଡ଼ର ଅନେକ ସ୍ଥାନରେ ମେଗା ରକ୍ତଦାନ ଶିବିର ମଧ୍ୟ ଆୟୋଜନ କରି ଆସୁଛି। କାଳକ୍ରମେ ଜେଜେଟିଏ ନିଃଶୁଳ୍କ ଆମ୍ବୁଲାନ୍ସ, ଶବବାହକ ଯାନ, ଶବ ସଂରକ୍ଷଣ ଯନ୍ତ୍ର ଓ କ୍ରେନ୍ ମଧ୍ୟ ଲୋକାର୍ପଣ କରିଛି। ଅନେକ ସମୟରେ ଅନେକ ଦୁର୍ଘଟଣାରେ ଆହତଙ୍କ ଚିକିତ୍ସା, ଔଷଧ ପ୍ରଦାନରେ ମଧ୍ୟ ଆଗେଇ ଆସିଛି। ନିକଟରେ ଅନେକ ଦୁର୍ଘଟଣା ପୀଡ଼ିତ ଓ ତାଙ୍କ ପରିବାର ସଦସ୍ୟଙ୍କୁ ସିଧାସଳଖ ଆର୍‌ଥିକ ସହାୟତା ପ୍ରଦାନ କରିଛି। ଅତି ଛୋଟ ବୟସରେ ବୃକ୍କ ରୋଗରେ ପୀଡ଼ିତ ଫତିମାଙ୍କୁ ଏକ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରି ସଂଘ ପ୍ରଶଂସା ସାଉଁଟିଥିବା ବେଳେ ସ୍ଥାନୀୟ ସରକାରୀ ବିଦ୍ୟାଳୟଗୁଡ଼ିକର ଛାତ୍ରଛାତ୍ରୀଙ୍କୁ ପାଞ୍ଚ ଲକ୍ଷ ଟଙ୍କାର ଲଟ୍ରି କୁପନ୍ ବଣ୍ଟନ କରି ଉଦାରତା ଦେଖାଇଛି ସଂଘ। ସୁନ୍ଦରଗଡ଼ରେ ହକି ବିଶ୍ୱକପ୍ ଟ୍ରଫି ପରିଭ୍ରମଣ ସମୟରେ ପ୍ରଶାସନ ସହ ହାତ ମିଶାଇ ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିଛି। ଏପରି ଅନେକ ସାମାଜିକ କାର୍ଯ୍ୟକ୍ରମ ହାତକୁ ନେଇଥିବା ବେଳେ ସମ୍ପ୍ରତି ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଗତ କିଛି ଦିନ ମଧ୍ୟରେ ରାଣୀବଗିଚା ରାଧାକୃଷ୍ଣ ମନ୍ଦିର ନିକଟରେ ଓ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘରେ ଥଣ୍ଡା ପାନୀୟ ଜଳ ଯନ୍ତ୍ର ସ୍ଥାପନ କରି ସାମାଜିକ ସେବାରେ ସୁନାମ ପାଇଛି।

(An Autonomous Body under Ministry of Tourism, Govt. of India)
पर्यटन मंत्रालय
Ministry of Tourism
सत्यमेव जयते
पर्यटन शिक्षा संस्कृति रक्षा
www.iittmb.in
**IITTM**
Gwalior (H.O), Bhubaneswar, Noida, Goa, Nellore
**INDIAN INSTITUTE OF TOURISM & TRAVEL MANAGEMENT**
40+ Yrs of Experience in Education & Training
in collaboration with
Jawaharlal Nehru University (JNU)
(A Public University, New Delhi)

**ADMISSION OPEN**
Session : 2024-25

**BBA** Tourism & Travel | **MBA** Tourism & Travel Management

For online registration and detailed information please visit : www.iittm.ac.in
or E-mail : admissioniittmb@gmail.com, admissions@iittm.ac.in
Contact - 8342082073, 9778180241, 9438622056, 9861103962
NO AGE BAR

Benefits of Study in IITTM
- Exceptional Placement in last years in India and Abroad
- Highest packages in Industry with Global job Opportunities
- Largest Tourism Faculty with International Exposure
- Tourism Industry Leaders visit campuses for Placement
- Research work at IITTM-IRC (International Resource Centre)

- Scholarships available for meritorious students from Government Scheme
- Study Loan Assistance
- Excellent Placement Record

Nodal Officer
IITTM, Bhubaneswar

Dumduma, Bhubaneswar, Odisha-751019

## ବିଜେଡିର ବିଶାଳ ବାଇକ୍ ଶୋଭାଯାତ୍ରା



**ଟିଟିଲାଗଡ଼, ୧୮।୫(ସମିସ):** ଶନିବାର ପ୍ରଚାରର ଅନ୍ତିମ ତିଥିରେ ଝିପି ଝିପି ବର୍ଷା ଆଶ୍ୱସ୍ତି ପ୍ରଦାନ କରିଛି। ବିଜେଡି ବିଧାୟକ ପ୍ରାର୍ଥିନୀ ଟୁକୁନି ସାହୁ ବର୍ଷାରେ ତିନ୍ତି କର୍ମୀଙ୍କ ଗହଣରେ ଟିଟିଲାଗଡ଼ ସହରର ୱାର୍ଡବୁଲି ଭୋଟ୍ ଭିକ୍ଷା କରିଥିବା ଦେଖାଯାଇଥିଲା। ଆଜି ପୂର୍ବାହ୍ନରେ ବିଜେଡି ପକ୍ଷରୁ ଏକ ବିଶାଳ ବାଇକ ଶୋଭାଯାତ୍ରା ବାହାରି ସହର ପରିକ୍ରମା ସହ ଶକ୍ତି ପ୍ରଦର୍ଶନ କରିଥିଲେ। ଶୋଭାଯାତ୍ରାରେ ଓଲିଉଡ ତାରକାଙ୍କ ସମେତ ଦଳର ଯୁବ ନେତା ଜ୍ଞାନରଞ୍ଜନ ସରାଫ, ସୁନୀଲ ବଚ୍ଛା, ରୁଦ୍ର ପ୍ରସାଦ ପୁଞ୍ଜି, ସମୀର ମନହିରା, ଆଲୋକ ବେହେରା, ମୁକେଶ ବେହେରା, ଅନନ୍ତ ମନହିରା, ଏମ୍‌ଡି ସାହିଲ ଏଥିରେ ସାମିଲ ହୋଇଥିଲେ। ସେହିପରି ବିଜେପି ବିଧାୟକ ପ୍ରାର୍ଥୀ ନବୀନ ଜୈନ, କଂଗ୍ରେସ ଦଳର ବିଧାୟକ ପ୍ରାର୍ଥୀ ବୀରେନ୍ଦ୍ର ବାଗ ଶେଷମୁହୂର୍ତ୍ତରେ ବିଜୟ ପାଇଁ ପ୍ରଚାରପ୍ରସାର ଜୋରଦାର କରିଥିବା ଜଣାଯାଇଛି।

## ସରିଲା ପ୍ରସ୍ତୁତି, ଏବେ ପରୀକ୍ଷା ସମୟ

# ନିରବ ଭୋଟର, ଆଶା ଆଶଙ୍କାରେ ପ୍ରାର୍ଥୀ

**ବଲାଙ୍ଗିର, ୧୮।୫(ସମିସ)**

ସରିଲା ପ୍ରସ୍ତୁତି, ଏବେ ପରୀକ୍ଷାର ସମୟ। କାହାର ପ୍ରସ୍ତୁତି କେତେ ଫଳପ୍ରଦ, କିଏ ପାସ୍ ହେବ, କିଏ ଫେଲ୍ ହେବ ସେ ନେଇ ଆରମ୍ଭ ହୋଇଛି ଅଙ୍କକଷା। ଏହି କ୍ରମରେ ଚଳିତ ସାଧାରଣ ନିର୍ବାଚନକୁ ନେଇ ସରଗରମ ହୋଇଥିବା ରାଜନୀତି ପ୍ରାୟତଃ ଶେଷ ହେବା ଉପରେ ରହିଛି। ଏହି କିଛି ଦିନ ବଲାଙ୍ଗିର ଜିଲ୍ଲାରେ ଅନେକ ରାଜନୈତିକ ଘଟଣାକ୍ରମ ଦେଖିବାକୁ ମିଳିଛି। ତିନି ଦଳର ସର୍ବମାନ୍ୟ ନେତା ବଲାଙ୍ଗିର ଜିଲ୍ଲାରେ ପହଞ୍ଚି ପ୍ରଚାର କରିଥିଲେ। ନିଜେ ମୁଖ୍ୟମନ୍ତ୍ରୀ ନିଜ ନିର୍ବାଚନୀ କ୍ଷେତ୍ର ବଲାଙ୍ଗିରକୁ ବାଛିଥିଲେ। ଆସନ୍ତା ୨୦ ତାରିଖରେ ପଡ଼ିବ ଭୋଟ। ଭୋଟର ନେତାଙ୍କ ଭାଗ୍ୟ ଓ ଭବିଷ୍ୟତ ନିର୍ଦ୍ଧାରଣ କରିବେ। ଭୋଟର ଦିନକୁ ପୂର୍ବରୁ କିଏ କେତେ ପ୍ରଭାବୀ ପ୍ରସ୍ତୁତି କରିଛନ୍ତି ତାହା ଇଭିଏମ୍ ମେସିନ କହିବ।

ବଲାଙ୍ଗିର ଲୋକସଭା ନିର୍ବାଚନମଣ୍ଡଳୀ ଅଧୀନ ବଲାଙ୍ଗିର ଜିଲ୍ଲାରେ ଆସନ୍ତା ୨୦ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ଚଳିତ ନିର୍ବାଚନ ପାଇଁ ଜିଲ୍ଲା ରାଜନୀତି ଏହି କିଛି ଦିନ ବେଶ ସରଗରମ ରହିଥିଲା। ପ୍ରାର୍ଥୀମାନେ ବିଜୟୀ ହେବା ପାଇଁ ସମସ୍ତ ଉଦ୍ୟମ କରିଥିବା ବେଳେ ଭୋଟରଙ୍କୁ କିଏ କେତେ ପ୍ରଭାବିତ କରିଛନ୍ତି ତାହା ଆସନ୍ତା ନିର୍ବାଚନ ଫଳାଫଳ କହିବ। କିନ୍ତୁ ଏହି କିଛି ଦିନର ରାଜନୈତିକ ଘଟଣାକ୍ରମ ବଲାଙ୍ଗିର ରାଜନୀତିରେ କଡ଼ ଲେଉଟା ଫର୍ଦ୍ଦ ବୋଲି ମଧ୍ୟ ଆଲୋଚନା ହେଉଛି।

ସୂଚନା ଅନୁସାରେ ବଲାଙ୍ଗିର ଜିଲ୍ଲାକୁ ତିନି ପ୍ରମୁଖ ରାଜନୈତିକ ଦଳ ବିଜେଡି, ବିଜେପି ଓ କଂଗ୍ରେସ ଫୋକସରେ ରଖିଥିଲେ। ରାଜନୈତିକ ଦଳ ସହ ପାଟଣାଗଡ଼ ନିର୍ବାଚନମଣ୍ଡଳୀରେ ଛିଡା ହୋଇଥିବା

**■ ରୋଚକ ନିର୍ବାଚନୀ ଘଟଣାକ୍ରମ**
**■ ତିନି ଦଳର ସର୍ବମାନ୍ୟ ନେତାଙ୍କ ପ୍ରଚାର ପରେ ବି ଅସ୍ପଷ୍ଟ ସ୍ଥିତି**

ସ୍ୱାଧୀନ ପ୍ରାର୍ଥୀମାନେ ମଧ୍ୟ ଆଗାମୀ ଭବିଷ୍ୟତ ପାଇଁ ଯୁବକମାନଙ୍କୁ ପ୍ରୋତ୍ସାହନ ଯୋଗାଇବ। ଜିଲ୍ଲାରେ ବିଶେଷ କରି ବିଜେପି ନିର୍ବାଚନ ଜିତିବା ପାଇଁ ଆପ୍ରାଣ ଚେଷ୍ଟା ଚଲାଇଥିବା ଦେଖିବାକୁ ମିଳିଥିଲା। ପ୍ରଧାନମନ୍ତ୍ରୀ ଓ ଅନ୍ୟ ନେତା ମାନେ ମଧ୍ୟ ବଲାଙ୍ଗିରରେ ପ୍ରଚାର କରିଥିଲେ। ଗତ ୧୧ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଚାର ସଭା କରିଥିବା ବେଳେ ୧୭ ତାରିଖରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଆସି ଜିଲ୍ଲାର ଦୁଇଟି ସ୍ଥାନରେ ନିର୍ବାଚନୀ ସଭା କରିଥିଲେ। ବିଜେପିକୁ ଚେକମେଟ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନିଜେ ମଇଦାନକୁ ଓହ୍ଲାଇଥିଲେ। ପ୍ରଥମେ ସେ କଣ୍ଟାବାଞ୍ଜିରୁ ନିର୍ବାଚନ ଲଢିବାକୁ ନିଷ୍ପତ୍ତି ନେଇଥିଲେ। ନାମାଙ୍କନ ଭରିବା ପରେ ୧୨ ତାରିଖରେ କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ପ୍ରଚାର ସଭା କରିଥିଲେ। ସେହିପରି ବଲାଙ୍ଗିର ସହରରେ ମଧ୍ୟ ପାୱାର ସୋ କରିବା ସହ ସମସ୍ତ ବିଧାୟକ ପ୍ରାର୍ଥୀମାନଙ୍କ ପାଇଁ ଭୋଟ ମାଗିଥିଲେ। ସେହିପରି ବିଜେଡି ପକ୍ଷରୁ କାର୍ତ୍ତିକ ପାଣ୍ଡିଆନ ମଧ୍ୟ ବଲାଙ୍ଗିରରେ ମାରାଥନ ନିର୍ବାଚନୀ ପ୍ରଚାର ସଭାକରି ପ୍ରାର୍ଥୀମାନଙ୍କ ପାଇଁ ଭୋଟ ମାଗିଥିଲେ। ଏଥିରେ କଂଗ୍ରେସ ପୂର୍ବରୁ ଯଦିଓ କିଛିଟା ପଛରେ ପଡ଼ିଥିଲା ତଥାପି ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର ପରେ କଂଗ୍ରେସର ସର୍ବମାନ୍ୟ ନେତା ରାହୁଲ ଗାନ୍ଧି ଆସି ବଲାଙ୍ଗିରରେ ରୋଡ ଶୋ କରିବା ସହ ପ୍ରଚାର କରିଥିଲେ। ତିନି ଦଳର ସର୍ବମାନ୍ୟ ନେତା ଆସି ପ୍ରଚାର କରିବା ହୁଏତ ବଲାଙ୍ଗିର ରାଜନୀତିରେ ଏହା ପ୍ରଥମ ଘଟଣା। ଏଥିରୁ ସ୍ପଷ୍ଟ ଚଳିତ ନିର୍ବାଚନରେ ବଲାଙ୍ଗିର ଜିଲ୍ଲାର କେତେ ଗୁରୁତ୍ୱ ବହନ କରୁଛି। ଜିଲ୍ଲାରେ ଥିବା ୫ ବିଧାନସଭା ନିର୍ବାଚନମଣ୍ଡଳୀରେ ବିଶେଷ କରି ଦ୍ୱିମୁଖୀ ଲଢେଇ ସାମ୍ନାକୁ ଆସିଛି। ସଦର ବିଧାନସଭା ଆସନରେ ବିଜେଡି - କଂଗ୍ରେସ ଲଢେଇ ହେଉଥିବା ବେଳେ ପାଟଣାଗଡ଼ରେ ବିଜେଡି - ବିଜେପି ଲଢେଇ ହେଉଥିବା ଦେଖିବାକୁ ମିଳିଛି। ସେହିପରି ଲୋଇସିଂହାରେ ବିଜେଡି - ବିଜେପି ଲଢେଇ ସମ୍ଭାବନା ରହିଥିବା ବେଳେ ଟିଟିଲାଗଡ଼ରେ ମଧ୍ୟ ବିଜେଡି - ବିଜେପି ମଧ୍ୟରେ କଡା ମୁକାବିଲା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ କଣ୍ଟାବାଞ୍ଜି ବିଧାନସଭା ଆସନରେ ମୁଖ୍ୟମନ୍ତ୍ରୀଙ୍କୁ ହରାଇବା ପାଇଁ ବିଜେପି ପାଗ ଭିଡୁଥିବାବେଳେ ତାହା କଷ୍ଟସାଧ୍ୟ ବ୍ୟାପାର ବୋଲି ଆଲୋଚନା ହେଉଛି। ଅନ୍ୟପକ୍ଷରେ ପାଟଣାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀରେ ଦୁଇ ଜଣ ଯୁବ ସ୍ୱାଧୀନ ପ୍ରାର୍ଥୀ ପ୍ରଥମଥର ପାଇଁ ନିର୍ବାଚନ ଲଢୁଛନ୍ତି। ଜିତିବା ସ୍ଥିତିରେ ନ ଥିଲେ ମଧ୍ୟ ଲଢେଇ କରିବା ଛାଡିନାହାନ୍ତି। ଯାହାକି ଯୁବକମାନେ ରାଜନୈତିକ ଭବିଷ୍ୟତ ଗଢିବା ପାଇଁ ଏହି ସ୍ୱାଧୀନ ପ୍ରାର୍ଥୀମାନେ ପ୍ରେରଣା ଦେଉଛନ୍ତି। ସଭା, ରୋଡ ଶୋ ଶନିବାର ସନ୍ଧ୍ୟାରୁ ବନ୍ଦ ହୋଇଛି। ଅର୍ଥାତ ନିର୍ବାଚନର ସମସ୍ତ ପ୍ରସ୍ତୁତି ଶେଷ ହେବା ପରେ ଆସନ୍ତା ୨୦ ତାରିଖରେ ପ୍ରାର୍ଥୀମାନଙ୍କ ପରୀକ୍ଷାର ସମୟ। କିଏ କେତେ ପ୍ରସ୍ତୁତି କରିଛି ତାହା ସ୍ପଷ୍ଟ ହେବାକୁ ଥିବା ବେଳେ ନିର୍ବାଚନକୁ ନେଇ ପ୍ରାର୍ଥୀମାନେ ମଧ୍ୟ ଆଶା ଓ ଆଶଙ୍କାରେ ରହିଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ନୀରବ ଭୋଟର କାହା ସପକ୍ଷରେ ଭୋଟ ଦେବେ ତାହା ମଧ୍ୟ ସ୍ପଷ୍ଟ ହେଉନାହିଁ।

### ହୋଟେଲରୁ ମୃତଦେହ ଉଦ୍ଧାର ଘଟଣା

## ପୁଲିସର ହତ୍ୟାକାରୀକୁ ଖୋଜୁଛି ପୁଲିସ, ହତ୍ୟା ପଛରେ ବେଆଇନ କାର୍ଯ୍ୟ ସନ୍ଦେହ

**ବଲାଙ୍ଗିର, ୧୮।୫(ସମିସ):** ବଲାଙ୍ଗିର ରେଳଷ୍ଟେସନ ରାସ୍ତାରେ ଥିବା ଇନ୍ଦ୍ରପ୍ରସ୍ଥ ହୋଟେଲରୁ ସନ୍ଦେହଜନକ ଅବସ୍ଥା ମୃତଦେହ ମିଳିବା ଘଟଣା ଧୀରେ ଧୀରେ ସ୍ପଷ୍ଟ ହେବାରେ ଲାଗିଛି। ଶୁକ୍ରବାର ପୁଲିସ ହୋଟେଲ ରୁମ ଭିତରୁ ହାତ ବନ୍ଧା ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଥିଲା। ପ୍ରାଥମିକ ତଦନ୍ତରୁ ଏହା ଏକ ହତ୍ୟା ମାମଲା ବୋଲି ପୁଲିସ ସନ୍ଦେହ କରିଥିବା ବେଳେ ଯୁବକଙ୍କ



**ହତ୍ୟା କରି ଫେରାର ମାରୁଥିବା ବେଳେ କାର୍ ଦୁର୍ଘଟଣାଗ୍ରସ୍ତ**

**କ୍ଷତିଗ୍ରସ୍ତ କାର୍‌ର ମାଲିକ ପୁଲିସ କର୍ମଚାରୀଙ୍କ ସ୍ତ୍ରୀ**

ପରିଚୟ ମିଳି ନ ଥିଲା। ପରବର୍ତ୍ତୀ ସମୟରେ ଯୁବକ ଜଣକ ସୋନପୁର ଅଞ୍ଚଳର ବୋଲି ଜଣାପଡ଼ିଥିବା ବେଳେ ସେ ଜଣେ ନିଲମ୍ବିତ ପୁଲିସ କନଷ୍ଟେବଲ ବୋଲି ଜଣାପଡ଼ିଛି। ସେ ଗଞ୍ଜେଇ କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା। ମୃତ ଯୁବକଙ୍କ ନାମ ଶଙ୍କରଭାନୁ ବେହେରା ହୋଇଥିବା ବେଳେ ସେ ସୋନପୁର ଜିଲ୍ଲାରେ ପୁଲିସ କନଷ୍ଟେବଲ ଭାବେ କାର୍ଯ୍ୟରତ ଥିଲେ। ଗଞ୍ଜେଇ ଚାଲାଣ ଅଭିଯୋଗରେ ତାଙ୍କୁ ନିଲମ୍ବିତ କରାଯାଇଥିଲା। ପରିବାର ଲୋକ ଆସି ତାଙ୍କୁ ମୃତଦେହ ଚିହ୍ନଟ କରିଥିଲେ।

ସୂଚନା ଅନୁସାରେ ଇନ୍ଦ୍ରପ୍ରସ୍ଥ ହୋଟେଲର ୨୧୨ ନଂ ରୁମ୍‌ରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ଉକ୍ତ ରୁମ ଧନବାଦ ବାସେପୁରର ବୀରେନ ସିଂ ନାମରେ ବୁକ୍ କରାଯାଇଥିଲା। ଗତ ୧୬ ତାରିଖ ପୂର୍ବାହ୍ନ ୧୧ଟାରେ ଦୁଇଜଣ ଯୁବକ ରୁମ୍‌ରେ ଆସି ରହିଥିଲେ। ୧୭ ତାରିଖ ସକାଳୁ ଖୁଜେନପାଲି ନିକଟରେ ଏକ କାର୍ ନଂ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣା ଘଟିବା ପରେ ଉକ୍ତ କାର୍‌କୁ କିଛି ଯୁବକ ଫେରାର ମାରିଥିଲେ। ସେହିଦିନ ଅପରାହ୍ନ ପ୍ରାୟ ୨ଟା ସମୟରେ ହୋଟେଲରୁ ଶଙ୍କର ଭାନୁଙ୍କ ମୃତଦେହ ପୁଲିସ ଉଦ୍ଧାର କରିଥିଲା। ଦୁର୍ଘଟଣାଗ୍ରସ୍ତ ହୋଇଥିବା କାର୍‌ଟି ଦିପ୍ତିମୟୀ ସାହୁଙ୍କ ନାମରେ ପଞ୍ଜିକୃତ ହୋଇଛି। ଦିପ୍ତିମୟୀ ହେଉଛନ୍ତି ମୃତ ଶଙ୍କରଭାନୁଙ୍କ ସ୍ତ୍ରୀ। ଏହା ଜଣାପଡ଼ିବା ପରେ ଏହା ଏକ ହତ୍ୟା ମାମଲା ବୋଲି ସ୍ପଷ୍ଟ ହୋଇଥିଲା। ପୁଲିସ ସୂଚନା ଅନୁସାରେ ହୋଟେଲ ରୁମ୍ ଜଣକର ନାମରେ ବୁକ ହୋଇଥିଲା ସତ କିନ୍ତୁ ରୁମରୁ ଚାରି ଜଣରୁ ଅଧିକ ବ୍ୟକ୍ତି ଥିଲେ। କିଛି ବେଆଇନ ବ୍ୟାପାର ଡିଲ ଚାଲିଥିବା ବେଳେ ହୁଏତ ଶଙ୍କରଭାନୁଙ୍କୁ ହତ୍ୟା କରି ଅଭିଯୁକ୍ତମାନେ ଫେରାର ହୋଇଥାଇପାରନ୍ତି ବୋଲି ପୁଲିସ ସୂତ୍ରରୁ ଜଣାପଡ଼ିଛି। ଏହି ଘଟଣାରେ ତିନିରୁ ଅଧିକ ଅଭିଯୁକ୍ତଙ୍କ ସମ୍ପୃକ୍ତି ରହିଥିବା ପୁଲିସ ସନ୍ଦେହ କରୁଥିବା ବେଳେ ସେମାନଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ ହୋଇଥିବା ଟାଉନ ଥାନା ଅଧିକାରୀ ସୂଚନା ଦେଇଛନ୍ତି। ଧନବାଦ ର ବୀରେନ ସିଂ ସହ ଶଙ୍କରଭାନୁ ବେହାରଙ୍କ ସମ୍ପର୍କ, ଆଗରୁ ଏମାନଙ୍କ ମଧ୍ୟରେ କିଛି ଡିଲ ହୋଇଥିଲା କି ! ଉଭୟ ହୋଟେଲରେ କାହିଁକି ଭେଟ ହୋଇଥିଲେ ସବୁ ବିଷୟକୁ ପୁଲିସ ତନ୍ନ ତନ୍ନ କରି ଯାଞ୍ଚଅଚଳାଇଥିବା ଟାଉନ ଥାନା ଅଧିକାରୀ ଶ୍ରୀ ମନବୋଧ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଏହି ହତ୍ୟାକାଣ୍ଡ ପଛରେ ବେଆଇନ ବ୍ୟାପାରର ରହିଥିବା ସନ୍ଦେହ କରାଯାଉଛି। ଅଭିଯୁକ୍ତ ଧରାପଡ଼ିବା ପରେ ସବୁକିଛି ସ୍ପଷ୍ଟ ହେବ ବୋଲି ପୁଲିସ ସୂଚନା ଦେଇଛି।

## 'ବିକାଶ ପାଇଁ ସଠିକ୍ ଦଳ କେ ଭୋଟ ଦେମା'



**ଟିଟିଲାଗଡ଼, ୧୮।୫(ସମିସ):** ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀରେ ବିଜେଡି ବିଧାୟକ ପ୍ରାର୍ଥିନୀ ଟୁକୁନି ସାହୁ ବ୍ଲକ ଅଧୀନ ବାନ୍ଧୁପଲା, ଡେସିଲ, ବୁର୍ଡିପଡ଼ା, ଚାହାଁରଭଟା ଆଦି ଗ୍ରାମରେ ମାରାଥନ ପ୍ରଚାର କରିଛନ୍ତି। ବିଗତ ୫ ବର୍ଷ ମଧ୍ୟରେ ନୂତନ ଜଳସେଚନ ପ୍ରକଳ୍ପ, ନୂତନ ପୋଲ ନିର୍ମାଣ, ୫-ଟି ସ୍କୁଲ ଓ କଲେଜ ରୂପାନ୍ତରଣ, ସ୍ୱାସ୍ଥ୍ୟ ଭିତ୍ତିଭୂମୀ ବିକାଶ ଆଦି ସହ ପ୍ରାୟ ପ୍ରକଳ୍ପ ୩ ହଜାରରୁ ଊର୍ଦ୍ଧ୍ୱ କୋଟି ଟଙ୍କାର ପ୍ରକଳ୍ପ ମୁଖ୍ୟମନ୍ତ୍ରୀ ଅନୁମୋଦନ କରୁଛନ୍ତି। ଏଥର ଜୁଲାଇ ମାସରୁ ଚାଷୀଙ୍କ ବିଜୁଳି ବିଲ ଛାଡ଼, ୧୦୦ ୟୁନିଟରୁ କମ ବିଜୁଳି ବ୍ୟବହାର କରୁଥିବା ଗରିବ ପରିବାରଙ୍କ ବିଜୁଳି ବିଲ୍ ଆସିବ ନାହିଁ। ଝିଅ ବିବାହ ପାଇଁ ଚାଷୀ ପରିବାରଙ୍କୁ ୨୫ ହଜାର ଟଙ୍କା ସହାୟତା ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ବିକାଶ ସାଙ୍ଗରେ ବିଜେଡି ରହିଛି। ତେଣୁ ଆମେ ବିଜେଡି ସରକାର ଆଣିବାକୁ ପୁଣି ଥରେ ବିପୁଳ ସଂଖ୍ୟାରେ ଡବଲ ଶଙ୍ଖ ଚିହ୍ନରେ ଭୋଟ ଦେବା ବୋଲି ଟୁକୁନି ନିବେଦନ କରିଥିଲେ। ଜଲ୍ଲା ପରିଷଦ ସଭ୍ୟା ଗୀତା ବିଶି, ରମାକାନ୍ତି ପୁଟେଲ, ଦଳର ବରିଷ୍ଠ ନେତା ଅଭୟ ସାହୁ, ଦିଲୀପ ବାଗ, ରୁଟୁ ବାଗ, ରବି ବାଗ, ହେମନ୍ତ ସାହୁ, ଦୁର୍ଜ ଛତର, ଦଳ ବଗର୍ତ୍ତୀ, ସୁବ୍ରତ ପାତ୍ର, ହରିଶ ମାଝୀ, ପିପୁ ବଗର୍ତ୍ତୀ, ଶୁକଦେବ ପ୍ରଧାନୀ, ଓମ କବାଟ, ବାନ୍ଧୁପଲା ନାଏବ ସରପଞ୍ଚ ସଞ୍ଜୁ ମହାନନ୍ଦ, ଲୋକରଞ୍ଜନ ମାଝୀ, ପୃଥ୍ୱୀରାଜ କୁମ୍ଭାର, ହିତେଶ କୁମ୍ଭାର, ଦୁଃଖୀ ବଗର୍ତ୍ତି, ଅଭିରାମ ମହାନନ୍ଦ, ମଙ୍ଗଲୁ ଦୀପ, ପ୍ରସନ୍ନ ବାଗ, ଯଜ୍ଞସେନ ଦୀପ, ପିଙ୍କୁ ନାଗ, ଗଣେଶ୍ୱର ନାଗ, ଅଜିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ନକଲି ନୋଟ କାରବାର, ଅଭିଯୁକ୍ତକୁ ୧୦ ବର୍ଷ କାରାଦଣ୍ଡ

**ଟିଟିଲାଗଡ଼, ୧୮।୫(ସମିସ):** ଜାଲି ନୋଟ୍ କାରବାରରେ ସମ୍ପୃକ୍ତ ଜଣେ ବ୍ୟକ୍ତିଙ୍କୁ ଆଜି ଟିଟିଲାଗଡ଼ ସହକାରୀ ସେସନ୍ ବିଚାରପତି କୃଷ୍ଣଚନ୍ଦ୍ର ନାୟକଙ୍କ ଅଦାଲତରେ ଦଶ ବର୍ଷ କାରାଦଣ୍ଡ ରାୟ ପ୍ରକାଶ ପାଇଛି। ଏନେଇ ସରକାରୀ ଅଧିବକ୍ତା ରଘୁନାଥ ରଥଙ୍କ ସୂଚନା କ୍ରମେ ୨୦୨୩ ଫେବୃଆରୀ ୧ରେ ଭୁବନେଶ୍ୱର ଏସଟିଏଫ୍ ପକ୍ଷରୁ ସୂଚନା ପାଇ ଟିଟିଲାଗଡ଼ ପୁଲିସ ସହାୟତାରେ ସ୍ଥାନୀୟ ଆଇ ଲଭ ଟିଟିଲାଗଡ଼ ପାର୍କ ନିକଟରେ ଚଢ଼ଉ କରାଯାଇଥିଲା। ସେହି ସ୍ଥାନରେ ଜାଲ ନୋଟ ହସ୍ତାନ୍ତର ପାଇଁ ଅନ୍ୟ କାହାକୁ ଅପେକ୍ଷା କରିଥିବା କଳାହାଣ୍ଡି ଜିଲ୍ଲା କେଗାଁ ଥାନା କଣ୍ଟାମଳ ନିବାସୀ ଲିଙ୍ଗରାଜ ବେହେରାଙ୍କୁ ପୁଲିସ ଧରିଥିଲା। ଲିଙ୍ଗରାଜଙ୍କ ନିକଟରୁ ପୁଲିସ ମୋଟ ୩୧ ଲକ୍ଷ ୨୭ ହଜାର ୫ ଶହ ଟଙ୍କାର ନକଲି ନୋଟ ଜବତ ସହ ଗିରଫ କରିଥିଲା। ଅନ୍ୟତମ ଅଭିଯୁକ୍ତ ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ଥାନା ଅଧୀନ ସାନପତ୍ରାପାଲି ଗ୍ରାମର ଧରମୁ ରଣା ଘଟଣା ସ୍ଥଳରୁ ଫେରାର ହେବାରେ ସକ୍ଷମ ହୋଇଥିଲା। ଆଜି ଅଦାଲତରେ ଶୁଣାଣିରେ ଅଭିଯୁକ୍ତ ଲିଙ୍ଗରାଜକୁ ୭ ବର୍ଷ କାରାଦଣ୍ଡ ଓ ୫ ହଜାର ଟଙ୍କା ଜୋରିମାନା ହୋଇଛି। ଜୋରିମାନା ଅନାଦେୟରେ ଅଧିକ ୧ ବର୍ଷ କାରାଦଣ୍ଡ ରାୟ ପ୍ରକାଶ ପାଇଛି। ସେହିପରି ଦଫା ୪୮୯ (ସି )ରେ ୩ ବର୍ଷ କାରାଦଣ୍ଡ ଶୁଣାଣି ହୋଇଛି।

## ନାବାଳିକାର ଆତ୍ମହତ୍ୟା

**ଦେଓଗାଁ, ୧୮।୫(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଅଧୀନ ମହଲାଇରେ ଶନିବାର ଜଣେ ଦଶମ ଶ୍ରେଣୀର ଛାତ୍ରୀ ଆତ୍ମହତ୍ୟା କରିଛି। ଖବରପାଇ ଦେଓଗାଁ ଥାନାଧିକାରୀ ହରିବନ୍ଧୁ ଗଡ଼ତ୍ୟା ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏନେଇ ଦେଓଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଜାରି ରହିଛି ବୋଲି ସୂଚନା ଦେଇଛନ୍ତି।

ଶନିବାର ଅପରାହ୍ନ ୨ଟା ସମୟରେ ପରିବାର ଲୋକେ ଏକ ବାହାଘର କାର୍ଯ୍ୟକ୍ରମରୁ ଫେରି ଘରର କବାଟ ଖୋଲିବାବେଳକୁ ତାଙ୍କ ଝିଅ ଏକ ଫ୍ୟାନରେ କପଡ଼ା ଲଗାଇ ଝୁଲୁଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ସମ୍ପୃକ୍ତ ନାବାଳିକାକୁ ଜଣେ ଯୁବକ ଅସଦାଚରଣ କରିବା ସମୟରେ କିଛି ଲୋକ ଦେଖି ଯୁବକକୁ ମାଡ ମାରିଥିବା ଗାଁରେ ପ୍ରଘଟ ହୋଇଥିଲା। ଏ ସମ୍ପର୍କରେ ଥାନାଧିକାରୀ ଗଡ଼ତ୍ୟାଙ୍କୁ ପଚାରିବାରୁ ଅସଦାଚରଣ ନେଇ କୌଣସି ଅଭିଯୋଗ ହୋଇନାହିଁ, ତଥାପି ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପ୍ରକୃତ ତଥ୍ୟ ଲୋକଲୋଚନକୁ ନିଶ୍ଚୟ ଆସିବ ବୋଲି କହିଥିଲେ।

## ବିଜେଡି କର୍ମୀଙ୍କୁ ଆକ୍ରମଣ ସହ ଗାଡି ଭଙ୍ଗାରୁଜା

**ଟିଟିଲାଗଡ଼ ୧୮।୫(ସମିସ):** ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ନିର୍ବାଚନମଣ୍ଡଳୀ ଅଧୀନ ଗୁଡଭେଲା ବ୍ଲକ ଜାମୁଟ ରହେନମାଲ ରାସ୍ତାରେ ପୁଣି ଥରେ ରାଜନୈତିକ ହିଂସା ଦେଖିବାକୁ ମିଳିଛି। ଶୁକ୍ରବାର ବିଳମ୍ବିତ ରାତିରେ ବିଜେଡି କର୍ମୀମାନେ ପ୍ରଚାର ସାରି ଫେରୁଥିବାବେଳେ କିଛି ଦୁର୍ବୃତ୍ତ ବିଜେଡି କର୍ମୀଙ୍କୁ ରାସ୍ତାରେ ଅଟକାଇ ଗାଡି ଭଙ୍ଗାରୁଜା କରିବା ସହ ଆକ୍ରମଣ କରିଥିଲେ। ଏନେଇ ବିଜେଡି କର୍ମୀ ତୁଷୁରା ଥାନାରେ ଅଭିଯୋଗ କରିଛନ୍ତି। ତୁଷୁରା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ କରିବା ସହ ତଦନ୍ତ କରମ୍ଭ କରିଛି। ବଲାଙ୍ଗିର ଏସ୍‌ଡିପିଓ ପହଞ୍ଚି ବିଜେଡି କର୍ମୀ ଉପରେ ବୁଝାସୁଝା କରିବା ସହ ଘଟଣାର ତଦନ୍ତ କରିଥିଲେ। ହେଲେ ବିଜେଡି କର୍ମୀମାନେ ଏହି ଘଟଣାରେ ବିଜେପି ପ୍ରାର୍ଥୀ ନବୀନ ଜୈନ ଓ ବିଜେପି ନେତା ଅଶୋକ ଦୋରାଙ୍କ ସମ୍ପୃକ୍ତି ଥିବା ଅଭିଯୋଗ କରିଛନ୍ତି।

## କବିତାଗୁଚ୍ଛ 'ଅଭୁଲାସ୍ମୃତି' ଓ ଭଜନମାଳା 'ଆଚ୍ଛାଦିତ' ଉନ୍ମୋଚିତ

**ବଲାଙ୍ଗିର, ୧୮।୫ (ସମିସ):** ଜୟଦେବଭବନ ପ୍ରେକ୍ଷାଳୟରେ ମହ୍ଲାର ନିବେଦିତ 'ସଙ୍ଗୀତ ସନ୍ଧ୍ୟା' ଆୟୋଜିତ ହୋଇଯାଇଛି। ଏହି ଅବସରରେ ଗୀତିକବି ଜୟକୃଷ୍ଣ ତ୍ରିପାଠୀଙ୍କ ରଚିତ ଓଡ଼ିଆ ଭଜନମାଳା 'ଆଚ୍ଛାଦିତ' ପୁସ୍ତକ ପାଠକାର୍ପିତ ହୋଇଥିଲା। ଇଂ. ଅଭିରାମ ଦାଶଙ୍କ ରଚିତ ଓଡ଼ିଆ କବିତା ଗୁଚ୍ଛ 'ଅଭୁଲା ସ୍ମୃତି' ମଧ୍ୟ ପାଠକାର୍ପିତ ହୋଇଥିଲା। ପଦ୍ମଶ୍ରୀ ହଳଧର ନାଗ, ବ୍ୟଙ୍ଗକବି ଜ୍ଞାନାନନ୍ଦ ହୋତା, ବିଲୁପ୍ତ ଲୋକକଳା ଓ ସଂସ୍କୃତିର ସଂରକ୍ଷକ ତଥା ପୃଷ୍ଠପୋଷକ ଅଧ୍ୟାପକ ରଜତ ପାଣିଗ୍ରାହୀ ଆସରକୁ ସମ୍ବୋଧନ କରିଥିଲେ। ପରେ ଗୀତିକବି ଶ୍ରୀ ତ୍ରିପାଠୀଙ୍କ ବଳିଷ୍ଠ ରଚନାକୁ ପୁରାତନ ହିନ୍ଦୀ ଚଳଚ୍ଚିତ୍ର ଗୀତର ଛାୟାରେ କଣ୍ଠଶିଳ୍ପୀ ବରଦାପ୍ରସନ୍ନ ପଟ୍ଟନାୟକ,




ଅସିତ ଦାସ, ଲୋଭା ପଡ଼ିଆରୀ, ଅମ୍ବରୀଶ ଦାଶ ଓ ଅଭିରାମ ଦାଶ ଉପସ୍ଥାପନା କରିଥିଲେ। ଇଂ. ବିଭାସ ମହାନ୍ତିଙ୍କ ମାଉଥ୍ ଅର୍ଗାନରେ ଓଡ଼ିଆ ଭଜନ ପରିବେଷଣ ମନଛୁଆଁ ହୋଇଥିଲା। ସଙ୍ଗୀତଜ୍ଞ ଅବନୀକାନ୍ତ ଦାସଙ୍କ ପରିଚାଳନାରେ ଆୟୋଜିତ ସଙ୍ଗୀତ ସନ୍ଧ୍ୟା ଶ୍ରୁତିମଧୁର ହୋଇଥିଲା। ସେହିପରି ପଦ୍ମଶ୍ରୀ ହଳଧର ନାଗଙ୍କ କୋଶଲୀ କବିତାରେ ଭାବବିହ୍ୱଳ ହୋଇଥିଲେ ଦର୍ଶକ। ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ ମଞ୍ଚ ସଂଯୋଜନା କରିଥିଲେ। ପୁସ୍ତକର ପ୍ରକାଶିକା ସବିତା ତ୍ରିପାଠୀ, ଶିକ୍ଷାଦ୍ୟୋଗୀ ମିତ୍ରବିନ୍ଦା ଦାଶ, ନାସ୍ମାଜିତି ତ୍ରିପାଠୀ, ବୃତ୍ତଚିତ୍ର ନିର୍ଦ୍ଦେଶକ ଗୌରହରି ବିଶ୍ୱାଳ, ମନସ୍ୱିନୀ ତରାସିଆ, ପ୍ରସନ୍ନ ମହାନ୍ତି, ଗଣେଶ ରାଉତ, ସୌମ୍ୟରଞ୍ଜନ ମହାପାତ୍ର ଉପସ୍ଥିତ ଥିଲେ। ଅମ୍ବରୀଶ ଦାଶ ଧନ୍ୟବାଦ ଦେଇଥିଲେ।

# କଣ୍ଟାବାଞ୍ଜିରେ ଶକ୍ତି ପ୍ରଦର୍ଶନ କଲା ବିଜେଡି

**କଣ୍ଟାବାଞ୍ଜି, ୧୮।୫(ସମିସ)**

ଶନିବାର ଓଡ଼ିଶାର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଶେଷ ହୋଇଛି ପ୍ରଚାର ଦିନ। ଶେଷ ଦିନରେ ବିଜେଡି ସୁପ୍ରିମ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ବାଚନ ଲଢୁଥିବା କଣ୍ଟାବାଞ୍ଜିରେ ବିଜୁ ଜନତା ଦଳ ରୋଡ ଶୋ କରି ନିଜର ଶକ୍ତି ପ୍ରଦର୍ଶନ କରିଛି। କଣ୍ଟାବାଞ୍ଜି ବିଧାୟକ ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ବାଚନ ଲଢୁଥିବା ବେଳେ ତାଙ୍କ ପାଇଁ ଦଳୀୟ ନେତାମାନେ

**ରୋଡ୍ ଶୋ' ରେ ସାମିଲ ହେଲେ ଏଲିନା ଓ ଜ୍ୟୋତି**

ଭୋଟ ଭିକ୍ଷା କରୁଛନ୍ତି। ଯେଉଁ ଦିନ ଠାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନାମ ପ୍ରାର୍ଥୀ ଭାବେ ଘୋଷଣା ହୋଇଛି ସେ ଦିନ ଠାରୁ ବିଜେଡି ନେତା ଓ ନେତ୍ରୀମାନେ ଗ୍ରାମାଞ୍ଚଳରେ ପ୍ରଚାର ଜୋରଦାର କରିଥିବା ବେଳେ ଶେଷ ଦିନରେ କଣ୍ଟାବାଞ୍ଜି ସହରରେ ପ୍ରଚାରକୁ ଜୋରଦାର କରିଛି ବିଜେଡି। ସ୍ଥାନୀୟ ଆଲିସାନ ହୋଟେଲରୁ ଏକ ବିରାଟ ଶୋଭାଯାତ୍ରା ସହର ମୁଖ୍ୟ ରାସ୍ତା ଦେଇ ସହର ପରିକ୍ରମା କରିଛି। ଏହି ରୋଡ ଶୋ ମୁଖ୍ୟ ଷ୍ଟାର୍ ପ୍ରଚାରକ ଭାବେ ଓଲିଉଡ଼ ସିନେତାରକା




ଏଲିନା ସାମନ୍ତରାଏ, ଜ୍ୟୋତିରଞ୍ଜନ ନାଏକ, ରାଜ୍ୟସଭା ସାଂସଦ ସୁଜିତ କୁମାର, ମୁଖ୍ୟ ନିର୍ବାଚନ ସଂଯୋଜକ ତଥା ନର୍ଲା ବିଧାୟକ ଭୂପିନ୍ଦ୍ର ସିଂ ଓହ୍ଲାଇ ଥିଲେ। ଏହି ରୋଡ୍ ଶୋ ଶୋଭାଯାତ୍ରାରେ ବିଜେଡି ନେତା ଅଜୟ ଦାସ, ଯୁବ ବିଜେଡି ନେତା ଅମଜତ ଖାଁନ, ବିଜେଡି ନେତ୍ରୀ ନିରୁପମା ମାଝୀ, କଣ୍ଟାବାଞ୍ଜି ନଗର ବିଜେଡି ପର୍ଯ୍ୟବେକ୍ଷକ ମଣ୍ଟୁ ନାଏକ, ତୁରେକେଲା ବ୍ଲକ ବିଜେଡି ପର୍ଯ୍ୟବେକ୍ଷକ ପ୍ରଶାନ୍ତ ସେଠୀ, କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ବିଜେଡି ସହ ସଂଯୋଜକ ଦୁର୍ଗା ପ୍ରସାଦ ସାମନ୍ତ ରାୟ, କଣ୍ଟାବାଞ୍ଜି ବିଜୁ ମହିଳା ଜନତା ଦଳ ପର୍ଯ୍ୟବେକ୍ଷକ ସାଗରିକା ଗୁରୁ, ରାଜ୍ୟ ଉପ ସଭାନେତ୍ରୀ ଗୋପ ମହାନନ୍ଦ, ଜିଲ୍ଲା ସାଧାରଣ ସମ୍ପାଦିକା ପିଙ୍କି ଖର୍ସେଲ, ନଗର ସଭାନେତ୍ରୀ ସାଲେନି ଜୈନ, ସହ ଦଳୀୟ ନେତା ଓ ହଜାର ହଜାର କର୍ମୀ, ସମର୍ଥକ ମାନେ ସାମିଲ ହୋଇଥିଲେ। କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରେ ବିଧାୟକ ଭାବେ ମୁଖ୍ୟମନ୍ତ୍ରୀ ଲଢୁଥିବା ବେଳେ କିଛି ଦିନ ପୂର୍ବରୁ ମୁଖ୍ୟମନ୍ତ୍ରୀ ନିଜ ପାଇଁ ଭୋଟ ପ୍ରଚାର କରି ଜନସାଧାରଣଙ୍କୁ ସମ୍ବୋଧିତ କରି ଫେରିଥିବାବେଳେ ୫-ଟି ଅଧକ୍ଷ ଭିକେ ପାଣ୍ଡିଆନ ମଧ୍ୟ ପ୍ରଚାରରେ ଆସି ବିପୁଳ ଭୋଟରେ ବିଜୟୀ କରନ୍ତୁ ବୋଲି କହିଥିଲେ। ଯେଉଁ କାମ ୧୫ ବର୍ଷରେ ହେଇ ପାରୁନାହିଁ ସେହି କାମ ୧୫ ମାସରେ ହେବ ବୋଲି ମଧ୍ୟ କହିଥିଲେ। ଏହାକୁ ନେଇ ଉତ୍ସାହିତ ମାହୋଲ ରହିଛି। ମୁଖ୍ୟମନ୍ତ୍ରୀ ୧ ଲକ୍ଷ ଭୋଟ ବ୍ୟବଧାନରେ ବିଜୟୀ ହେବେ ବୋଲି ନେତାମାନେ କହିଛନ୍ତି। ଶେଷ ଦିନରେ ବିଜେଡି ପ୍ରଚାର ମୌଦାନରେ ଓଲିଉଡ ସିନେତାରକା ଏଲିନା ସାମନ୍ତରାଏ, ଜ୍ୟୋତିରଞ୍ଜନ ନାଏକ ଓହ୍ଲାଇ କଣ୍ଟାବାଞ୍ଜିରେ ବିଧାୟକ ପ୍ରାର୍ଥୀ ନବୀନ ପଟ୍ଟନାୟକ ଓ ଲୋକସଭା ପ୍ରାର୍ଥୀ ସୁରେନ୍ଦ୍ର ସିଂହ ଭୋଇଙ୍କୁ ଭୋଟ ଦେବାକୁ ଭୋଟରଙ୍କୁ ନିବେଦନ କରିଥିଲେ।

## ବିରୋଧୀଙ୍କୁ ଟାର୍ଗେଟ କଲେ କଳିକେଶ



**ବଲାଙ୍ଗିର, ୧୮।୫(ସମିସ):** ବଲାଙ୍ଗିର ଶୈଳେଶ୍ରୀ ପ୍ୟାଲେସଠାରେ ସଦର ବିଧାନସଭା ପ୍ରାର୍ଥୀ କଳିକେଶ ନାରାୟଣ ସିଂଦେଓଙ୍କ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ କଳିକେଶ ବିରୋଧୀ ଦଳର ପ୍ରାର୍ଥୀଙ୍କୁ ଟାର୍ଗେଟ କରିଥିଲେ। ସେ କହିଥିଲେ ଯେ ନିର୍ବାଚନ ପ୍ରଚାର ସମୟରେ ସମସ୍ତ ଭୋଟରଙ୍କ ସହ ସମ୍ପର୍କ କରିବାକୁ ଚେଷ୍ଟା କରିଛୁ। ପ୍ରାର୍ଥୀ ଘୋଷଣା ପରେ ପ୍ରଚାର ଜୋର୍ ଧରିଥିଲା। ବିଭିନ୍ନ ମାଧ୍ୟମରେ ଲୋକଙ୍କ ସହ ସମ୍ପର୍କ ରଖିବାକୁ ଚେଷ୍ଟା କରିଥିବା ବେଳେ ବଲାଙ୍ଗିରରେ ହାଇଭୋଲଟେଜ୍ ଲଢେଇ ହେବ ବୋଲି କହିଛନ୍ତି। ସଂକଳ୍ପ ପତ୍ର ବାହାର କରି ନିଜର ଆଭିମୁଖ୍ୟକୁ ସେ ସ୍ପଷ୍ଟ କରିଥିବା କହିଛନ୍ତି। ତାଙ୍କ ପରିବାର ଅନେକ ସଂଗଠନ ତିଆରି କରି ପ୍ରତି ଅନୁଷ୍ଠାନର ବିକାଶ ଦିଗରେ କାମ କରିଥିବା ସେ କହିଥିଲେ। ଶିକ୍ଷାନୁଷ୍ଠାନ, ଧର୍ମାନୁଷ୍ଠାନକୁ ଆର୍ଥିକ ସହାୟତା ମିଳିଥିବା ବେଳେ ସେମାନେ ଉଚ୍ଛେଦ ହେବାକୁ ଥିବା ପରିବାର ସହ ସର୍ବଦା ରହି ଆସିଥିବା କହିଥିଲେ। ମୁଖ୍ୟମନ୍ତ୍ରୀ ନିଜେ ବଲାଙ୍ଗିରରୁ ନିର୍ବାଚନ ଲଢୁଥିବାରୁ ଜିଲ୍ଲାର ବିକାଶ ନୂଆ ଦିଗ ଦେଖିବା ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ କହିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଅର୍କେସ ନାରାୟଣ ସିଂଦେଓ, ମନ୍ମଥ ବିଜୟ ସିଂଦେଓ ପ୍ରମୁଖ ଉପସ୍ଥିତ ରହିଥିଲେ।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ଥୁଆମୂଳ ରାମପୁର, ୧୮।୫(ସମିସ):** ଜାଳେଣି କାଠ ସଂଗ୍ରହ ପାଇଁ ସ୍ୱାମୀଙ୍କ ସହିତ ଜଙ୍ଗଲକୁ ଯାଇଥିବା ମହିଳାଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ ଥୁଆମୂଳ ରାମପୁର ଥାନା ଅଧିନସ୍ଥ ବଣ୍ଡେଲ୍ ଗ୍ରାମର ଗୁନ ମାଝୀ (୨୦) ସ୍ୱାମୀ ସୀତାରାମ ମାଝୀଙ୍କ ସହ ଶୁକ୍ରବାର ଜାଳେଣି ସଂଗ୍ରହ ପାଇଁ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ। ଉକ୍ତ ଜଙ୍ଗଲରେ ଗୁନଙ୍କ ମୃତ୍ୟୁ ହୋଇଥିଲା। କୌଣସି ସୂତ୍ରରୁ ସୂଚନା ପାଇ ତେରେଙ୍ଗାସିଲ ଗ୍ରାମର ଗୁନଙ୍କ ଭାଇ ଚିତ୍ତଲ ସିଂ ମାଝୀ ପରିବାର ସହ ବଣ୍ଡେଲ ଗ୍ରାମକୁ ଆସିଥିଲେ। ଶାଶୁ ଘରେ ଭଉଣୀର ମୃତ ଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ଚିତ୍ତଲଙ୍କ ଅଭିଯୋଗ ଅନୁଯାୟୀ ବିବାହ ପରେ ତାଙ୍କ ଭଉଣୀଙ୍କୁ ଶଶୁଘର ଲୋକେ ଯୌତୁକ ପାଇଁ ବାରମ୍ବାର ଶାରୀରିକ ଏବଂ ମାନସିକ ନିର୍ଯାତନା ଦେଉଥିଲେ। ଯୋଜନାବଦ୍ଧ ଭାବେ ତା'ର ସ୍ୱାମୀ ଏବଂ ତାର ପରିବାର ଲୋକ ମିଶି ହତ୍ୟା କରିଥିବା ନେଇ ଥୁଆମୁଳ ରାମପୁର ଥାନାରେ ଚିତ୍ତଲ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୁଲିସ ଯୌତୁକଜନିତ ହତ୍ୟା ମାମଲା ରୁଜୁ କରି ମୃତକର ଶବ ଜବତ କରି ଶନିବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୁଲିସ ଗୁନର ସ୍ୱାମୀ ସୀତାରାମକୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ଭାରତୀୟ ଦଣ୍ଡବିଧି ଆଇନ୍ ଦଫା ୪୯୮ (କ), ୩୦୪ (ବି), ୩୦୨, ୨୯୪ ଓ ୩୪ରେ ମାମଲା ରୁଜୁ କରି ତଦନ୍ତ ଜାରି ରହିଛଇ ବୋଲି ସବ୍‌ଇନ୍ସପେକ୍ଟର ରଶ୍ମିରଞ୍ଜନ ବାଗ ସୂଚାଇଛନ୍ତି।

● ହତ୍ୟା ଅଭିଯୋଗ ଆଣିଲେ ଭାଇ

## ବାଇକ୍ ଚୋରି

**କୋକସରା, ୧୮।୫(ସମିସ):** କୋକସରା ଥାନା ବଙ୍ଗୋମୁଣ୍ଡା ଛକ ନିକଟରେ ଏକ ହିରୋ ଏଚଏଫ ଡ଼ିଲକ୍ସ ବାଇକ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁସାରେ କୋକସରା ବ୍ଲକ ଅଁଲାଗୁଡା ଗ୍ରାମର ଭାଗିରଥି ଗହିର ଶୁକ୍ରବାର ଅପରାହ୍ନରେ ବଙ୍ଗୋମୁଣ୍ଡା ଛକ ନିକଟରେ ଥିବା ଏକ ଗ୍ୟାରେଜ୍ ପାଖରେ ତାଙ୍କ ବାଇକ୍ (ଓଡ଼ି୦୮-୫୪୪୯ ନମ୍ବର) କୁ ରଖି ବ୍ୟାଙ୍କକୁ ଯାଇଥିଲେ। ବ୍ୟାଙ୍କ୍ କାମ ସାରି ଭାଗିରଥୀ ବାଇକ୍ ରଖିଥିବା ସ୍ଥାନରେ ପହଞ୍ଚି ଦେଖିବାରେ ତାଙ୍କ ବାଇକ୍ ସେଠାରେ ନ ଥିଲା। ପରେ ଗ୍ୟାରେଜ୍ ମାଲିକ ଓ ଚିହ୍ନା ପରିଚୟ ଲୋକଙ୍କୁ ପଚାରିବାରେ ସେମାନେ କିଛି କହିପାରି ନ ଥିଲେ। ଭାଗିରଥି ଏନେଇ କୋକସରା ଥାନାରେ ଅଭିଯୋଗ କରିଛନ୍ତି।

## ରକ୍ତଦାନ କରି ମା' ଓ ଗର୍ଭସ୍ଥ ଯାଆଁଳା ଶିଶୁଙ୍କ ଜୀବନ ବଞ୍ଚାଇଲେ ସାମ୍ବାଦିକ

**ଧର୍ମଗଡ଼, ୧୮।୫(ସମିସ)**

ଜରୁରୀ ସମୟରେ ରକ୍ତଦାନ କରି ଗର୍ଭବତୀ ମା'ଙ୍କ ସହିତ ଦୁଇ ଯାଆଁଳା ଶିଶୁଙ୍କ ଜୀବନ ବଞ୍ଚାଇଛନ୍ତି ଜଣେ ସାମ୍ବାଦିକ। କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଅଞ୍ଚଳର ସାମ୍ବାଦିକ ଲକ୍ଷ୍ମୀକାନ୍ତ ଧଙ୍ଗଡାମାଝୀଙ୍କ ଏଭଳି ମହତ୍ କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ସୂଚନା ଅନୁଯାୟୀ ଛତିଶଗଡ଼ର ଦେଓଭୋଗ ବ୍ଲକ ଅନ୍ତର୍ଗତ ଲଟପଡ଼ା ଗ୍ରାମର ଜଣେ ଗର୍ଭବତୀଙ୍କୁ ପ୍ରସୂତି ନିମନ୍ତେ ରାୟଗଡ଼ା ଜିଲ୍ଲା ବିଷମକଟକ ଖ୍ରୀଷ୍ଟିଆନ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ରକ୍ତ ନମୂନା ପରୀକ୍ଷା ପରେ ତାଙ୍କ ଶରୀରରେ ହିମୋଗ୍ଲୋବିନ୍ ପରିମାଣ କମ୍ ଥିବାରୁ ଅସ୍ତ୍ରୋପଚାର ହୋଇ ପାରି ନ ଥିଲା। ଗର୍ଭବତୀଙ୍କୁ ତୁରନ୍ତ ରକ୍ତର ଆବଶ୍ୟକତା ପଡ଼ିଥିଲା। ରକ୍ତ ନ ଦେଲେ ମାଆ ସହିତ ଗର୍ଭରେ ଥିବା ଯାଆଁଳା ଶିଶୁଙ୍କ ଜୀବନ ପ୍ରତି ବିପଦ ଥିବା ଡାକ୍ତର ଆଶଙ୍କା କରିଥିଲେ। ପରିବାର ଲୋକ ଗର୍ଭବତୀଙ୍କ ପାଇଁ ଏ ପଜିଟିଭ୍ ରକ୍ତ ଯୋଗାଡ଼ରେ ବିଫଳ ହୋଇ ଚିନ୍ତାଗ୍ରସ୍ତ ହୋଇ ପଡ଼ିଥିଲେ। ସୋସିଆଲ ୱେଲଫେୟାର ଅର୍ଗାନାଇଜେସନ୍ କଳାହାଣ୍ଡି ପରିବାରର ପ୍ରତିଷ୍ଠାତା ଉମାକାନ୍ତ ସୁନାନୀ ଏହି ଖବର ସୋସିଆଲ ମିଡ଼ିଆରେ ପ୍ରସାର କରି ରକ୍ତ ପାଇଁ ଅନୁରୋଧ କରିଥିଲେ। ସୋସିଆଲ ମିଡ଼ିଆରୁ ଏହି ଖବର ଜାଣି ଧର୍ମଗଡ଼ ଅଞ୍ଚଳର ସାମ୍ବାଦିକ ଶ୍ରୀ ଧଙ୍ଗଡାମାଝୀ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଖାତିର ନ କରି ଗର୍ଭବତୀଙ୍କ ସହିତ ତାଙ୍କ ଗର୍ଭସ୍ଥ ଯାଆଁଳା ଶିଶୁ ସନ୍ତାନଙ୍କ ଜୀବନ ବଞ୍ଚାଇବା ନିମନ୍ତେ ବାଇକ୍ ଯୋଗେ ସୁଦୂର ୧୨୭ କିମି ବିଷମକଟକ ଖ୍ରୀଷ୍ଟିଆନ ହସ୍ପିଟାଲରେ ପହଞ୍ଚି ରକ୍ତଦାନ କରିଥିଲେ। ରକ୍ତବୀର ଶ୍ରୀ ଧଙ୍ଗଡାମାଝୀଙ୍କ ଯୋଗୁଁ ଗର୍ଭବତୀ ଓ ଯାଆଁଳା ଶିଶୁ ସନ୍ତାନଙ୍କ ଜୀବନ ବଞ୍ଚି ଯାଇଥିବାରୁ ତାଙ୍କୁ ଗର୍ଭବତୀଙ୍କ ପରିବାର ଲୋକ କୃତଜ୍ଞତା ଜଣାଇଛନ୍ତି।



## ବଜ୍ରପାତରେ ନାବାଳକ ଗୁରୁତର

**ଥୁଆମୂଳ ରାମପୁର, ୧୮।୫(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଗୋପାଳପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପାଡେଲଗୁଡା ଗ୍ରାମର ସୁଦର୍ଶନ ମାଝୀଙ୍କ ୧୦ ବର୍ଷର ପୁଅ ସନ୍ତୋଷ ଏକ ଗଛ ମୂଳେ ଖେଳୁଥିବା ସମୟରେ ବଜ୍ରପାତ ହୋଇଥିଲା। ଫଳରେ ସନ୍ତୋଷ ଗୁରୁତର ହୋଇ ପଡ଼ିଥିଲା। ତାକୁ ତୁରନ୍ତ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ରକ୍ତବାନ୍ତି କରୁଥିବା ଦେଖି ଡାକ୍ତରଙ୍କ ପରାମର୍ଶକ୍ରମେ ଉତ୍ତମ ଚିକିତ୍ସା ପାଇଁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି।



## ସ୍କୁଲରୁ ମଧ୍ୟାହ୍ନଭୋଜନ ଚାଉଳ ଚୋରି

**ହାତୀବନ୍ଧା, ୧୮।୫(ସମିସ):** ସିନାପାଲି ବ୍ଲକ ଭରୁଆମୁଣ୍ଡା ପଞ୍ଚାୟତ ବରପଦର ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ମଧ୍ୟାହ୍ନ ଭୋଜନ ଚାଉଳ ଚୋରି ହୋଇଛି। ଅବଶ୍ୟ ୧୪ଘଣ୍ଟା ପରେ ଏହା ଠାବ ହୋଇଛି। ସ୍କୁଲରେ ୧୦ବସ୍ତା ଚାଉଳ ଥିଲା। ଶୁକ୍ରବାର ବିଳମ୍ବିତ ରାତିରେ ତାଲା ଭାଙ୍ଗି ଚାଉଳ ଚୋରି ହୋଇଥିଲା। ସକାଳେ ପ୍ରଧାନ ଶିକ୍ଷକ ବସନ୍ତ ସାହୁ ଏହା ଜାଣିବାକୁ ପାଇଥିଲେ; ହେଲେ ଜଣକ ଘରେ ନେଇ ରଖାଯାଇଥିବା ଜଣା ପଡ଼ିଥିଲା। ଏ ନେଇ ପ୍ରଧାନ ଶିକ୍ଷକ ସିନାପାଲି ଥାନାରେ ଜଣାଇଛନ୍ତି।

● ଆୟବହିର୍ଭୂତ ସମ୍ପତ୍ତି ମାମଲା

## ପୂର୍ବତନ ପ୍ରଧାନଶିକ୍ଷକଙ୍କୁ ୨ ବର୍ଷ ଜେଲ୍

**ଭବାନୀପାଟଣା, ୧୮।୫(ସମିସ):** କଳାହାଣ୍ଡି ଜିଲ୍ଲା ସଦର ବ୍ଲକ ଭବାନୀପାଟଣା ମାଲଗାଁ ୟୁପି. ସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ଆୟବହିର୍ଭୂତ ସମ୍ପତ୍ତି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ୨୦୧୦ ମସିହାର ଏହି ମାମଲା ଉପରେ ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ରାୟ ପ୍ରକାଶ କରିଛନ୍ତି। ତାଙ୍କୁ ୨ବର୍ଷ ଜେଲ୍ ସହ ୫୦ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦେୟ ହେଲେ ଅଧିକା ୩ ମାସ ଜେଲ୍ ଦଣ୍ଡ ପାଇଁ ରାୟରେ ପ୍ରକାଶ ପାଇଛି। କେବଳ ସେତିକି ନୁହେଁ; ତାଙ୍କ ପେନସନ ବନ୍ଦ ପାଇଁ ମଧ ଭିଜିଲାନ୍ସ ପଦକ୍ଷେପ ନେଇଛି।

● ୫୦ ହଜାର ଟଙ୍କା ଜରିମାନା
● ବନ୍ଦ ହୋଇପାରେ ପେନସନ

## ନିର୍ମାଣ କାମରେ ଅନିୟମିତତା

**ନର୍ଲା, ୧୮।୫(ସମିସ):** ନର୍ଲା ନିକଟସ୍ଥ ସାନ୍ଦୁଲ ନଦୀ ଉପରେ ନିର୍ମାଣାଧୀନ ପୋଲ, ବଲବସପୁରଠାରୁ ରୂପ୍ରା ପର୍ଯ୍ୟନ୍ତ ୮ କିଲୋମିଟର ରାସ୍ତା, ବାରବନ୍ଧାଠାରୁ ତୁଳାପଡ଼ା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଚାଲିଛି; ହେଲେ ନିମ୍ନମାନର ନିର୍ମାଣ କାର୍ଯ୍ୟ ହେଉଛି। ସ୍ଥାନୀୟ ଲୋକ କାମକୁ ନେଇ ଯେତେ ଅସନ୍ତୋଷ ବ୍ୟକ୍ତ କଲେ ମଧ ଠିକାଦାର ଶୁଣୁ ନାହାନ୍ତି। ନିର୍ମାଣାଧୀନ ପୋଲ ଓ କଂକ୍ରିଟ କାମରେ ଆବଶ୍ୟକତାଠାରୁ କମ୍ ତଥା ଶସ୍ତା ସିମେଣ୍ଟ ଓ ଲୁହାଛଡ ବ୍ୟବହାର ହେଉଛି। ଏଣୁ ପୋଲର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏହି କାର୍ଯ୍ୟଗୁଡ଼ିକରେ ଦେଖାଯାଉଥିବା ଅନିୟମିତତା ଓ ଦୁର୍ନୀତି ନେଇ ସ୍ଥାନୀୟ ଲୋକ ପ୍ରତିବାଦ କରି ଆସୁଛନ୍ତି। ଅନ୍ୟପକ୍ଷେ କେତେ ଟଙ୍କାର କାମ ହେଉଛି ଓ କେଉଁ ଅନୁଦାନରେ ହେଉଛି ସେ ନେଇ କୌଣସି ସୂଚନା ଫଳକ ଲଗା ଯାଇନାହିଁ। ସେହିଭଳି ରାସ୍ତାରେ ପାଣି ଦିଆଯାଉ ନ ଥିବା ଯୋଗୁଁ ପଥଚାରୀ ସମସ୍ୟା ଭୋଗୁଛନ୍ତି। ତେବେ ବିଭାଗୀୟ ଯନ୍ତ୍ରୀ ସଞ୍ଜୟ ମଢେଇଙ୍କ କହିବା ଅନୁଯାୟୀ ଏସବୁ ଅଭିଯୋଗ ଉପରେ ବିଭାଗ ଅନୁଧ୍ୟାନ କରୁଛି। ନିଶ୍ଚିତ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

● ଥାନା ସମ୍ମୁଖରେ ଅଭାବନୀୟ ଘଟଣା

## ନାବାଳକର ସ୍କୁଟି ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

**ନୂଆପଡ଼ା, ୧୮।୫(ସମିସ):** ନୂଆପଡ଼ା ସମେତ ଜିଲ୍ଲାର ବିଭିନ୍ନ ପ୍ରାନ୍ତରେ ବିନା ଲାଇସେନ୍ସରେ ନାବାଳକ, ନାବାଳିକା ବାଇକ୍, ସ୍କୁଟି ସହ ଚାରି ଚକିଆ ଯାନ ଚଳାଉଛନ୍ତି। ଏହା ଉପରେ ଅଙ୍କୁଶ ଲାଗି ପାରୁନାହିଁ। ପୁଲିସ ଦେଖି ମଧ ଚୁପ୍। ଅଭିଭାବକ ମଧ ପିଲାଙ୍କ ହାତରେ ଗାଡ଼ି ଦେଇ ନିଜକୁ ଗର୍ବିତ ମନେ କରୁଛନ୍ତି; ହେଲେ ଏହାର ଭୟାବହ ପରିଣତି ଦେଖିବାକୁ ମିଳିଛି। ଶନିବାର ଜଣେ ୧୪ବର୍ଷୀୟ ନାବାଳକଙ୍କ ସ୍କୁଟି ଧକ୍କାରେ ଜଣେ ୮୩ବର୍ଷୀୟ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସ୍ଥାନୀୟ ବିଷ୍ଣୁ ସାହୁ ନାମକ ଜଣେ ଶିକ୍ଷକଙ୍କ ବାପା ଟଙ୍କଧର ସାହୁ (୮୩)। ତାଙ୍କ ନିଜ ଗାଁ ପଦ୍ମପୁର ଉପଖଣ୍ଡ ବରିହାପାଲି। ବୃଦ୍ଧ ଜଣକ ନିଜ ସାଥୀଙ୍କ ସହ ମିଶି ପୂର୍ବାହ୍ନ ୯ଟା ବେଳେ ରାଧାକୃଷ୍ଣପଡ଼ାରୁ ବାହାରି ମନ୍ଦିରପଡ଼ାକୁ ଚାଲି ଚାଲି ଯଜ୍ଞ ଦେଖିବାକୁ ଯାଉଥିଲେ। ନୂଆପଡ଼ା ଥାନା ନିକଟରେ ପହଞ୍ଚିଲା ବେଳକୁ ସେଠାରେ ପଛ ପଟୁ ଏକ ସ୍କୁଟିରେ ନାବାଳକ ଜଣେ ଆସି ଧକ୍କା ଦେଇ ଚାଲିଯାଇଥିଲା। ବୃଦ୍ଧ ଜଣକ ତଳେ ଟଳି ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଡାକ୍ତରଖାନା ପଠାଇଥିଲେ; ହେଲେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାକୁ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ତଦନ୍ତ ଚାଲିଛି ଦୁର୍ଘଟଣାକାରୀଙ୍କୁ ଠାବ କରାଯାଇପାରିନାହିଁ ବୋଲି ଥାନା ଅଧିକାରୀ ଦିଲୀପ ସାହୁ କହିଛନ୍ତି। ତଥାପି ଥାନା ସମ୍ମୁଖରେ ଥିବା ସିସି ଟିଭି କ୍ୟାମେରାରୁ ସବୁ ସ୍ପଷ୍ଟ ଜଣାପଡ଼ିବ ବୋଲି କହିଛନ୍ତି। ନୂଆପଡ଼ା ସମେତ ଖଡ଼ିଆଳ, ଖଡ଼ିଆଳରୋଡ୍ ସହରରେ ନାବାଳକ, ନାବାଳିକାଙ୍କ ଗାଡି ଚାଳନା ଉପରେ କଡ଼ାକଡ଼ି ଯାଞ୍ଚ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।



## ନୂଆପଡ଼ା ବ୍ଲକ୍ ଅଧ୍ୟକ୍ଷାଙ୍କ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ପରିଦର୍ଶନ



**ନୂଆପଡ଼ା, ୧୮।୫(ସମିସ):** ନୂଆପଡ଼ା ଜିଲ୍ଲା ସଦର ମହକୁମା ସଦର ବ୍ଲକରୁ କାମ ଅନ୍ୱେଷଣରେ ଯୁବକ ଯୁବତୀ ରାଜ୍ୟବାହାରକୁ ଯାଇଥାନ୍ତି। ଏହାକୁ ରୋକିବାକୁ ସରକାର ବିଭିନ୍ନ ଯୋଜନାରେ ଶ୍ରମିକ ନିୟୋଜନ ପ୍ରକଳ୍ପ କାର୍ଯ୍ୟକାରୀ କରୁଛନ୍ତି। ସେସବୁର ସଫଳ ରୂପାୟନ ସକାଶେ ପ୍ରଶାସନ ତରଫରୁ ବିଶେଷ ଧ୍ୟାନ ଦିଆଯାଇଥାଏ। ଏହିକ୍ରମରେ ପ୍ରକଳ୍ପଗୁଡିକର ସଫଳତା ଏବଂ କାର୍ଯ୍ୟକାରୀ ପରଖିବାକୁ ନୂଆପଡ଼ା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ ଅଣ୍ଟା ଭିଡ଼ିଛନ୍ତି। ଶନିବାର ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ସାହୁ ବିଭିନ୍ନ ପଞ୍ଚାୟତ ଗସ୍ତରେ ବାହାରିଥିଲେ। ଉପାନ୍ତ ତଥା ଛତିଶଗଡ଼ ସୀମାନ୍ତବର୍ତ୍ତୀ ଅମାନାରା, କେନ୍ଦୁବାହାରା ପଞ୍ଚାୟତ ଅଞ୍ଚଳର ଡାଲି ପଖନା, କୋଟେନ, ପାୱାର ତଲା, ମୁଶରଙ୍ଗୀ ଆଦି ଗାଁର ପାଣି ସମସ୍ୟା ବୁଲି ଦେଖିଥିଲେ। ଆମ ଓଡ଼ିଶା, ନବୀନ ଓଡ଼ିଶା ଯୋଜନାରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକୁ ବୁଲି ଦେଖିଥିଲେ। ତାଙ୍କ ସହ ଉନ୍ନୟନ କାମ ତଦାରଖ ଦାୟିତ୍ୱରେ ଥିବା ଯନ୍ତ୍ରୀ ଧନଞ୍ଜୟ କାଲୋ ମଧ ଉପସ୍ଥିତ ରହି ସମସ୍ତ ବିଷୟରେ ଅଧ୍ୟକ୍ଷାଙ୍କୁ ଅବଗତ କରିଥିଲେ। ଏହି ଅବସରରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ହରେକୃଷ୍ଣ ପ୍ରଧାନଙ୍କ ସହ ସାମାଜିକ ସୁରକ୍ଷା ଯୋଜନା ଉପରେ ମଧ ତଦାରଖ କରିଥିଲେ। ତଦାରଖ ବେଳେ ଅମାନାରା ସରପଞ୍ଚ ଗଙ୍ଗେଶ୍ୱରୀ ସିହ୍ନା, ସମିତି ସଭ୍ୟ ନୂତନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ଦୋକାନ ଭିତରକୁ ପଶିଲା ସ୍କୋର୍ପିଓ

**ଧର୍ମଗଡ଼, ୧୮।୫(ସମିସ):** ଶୁକ୍ରବାର ବିଳମ୍ବିତ ରାତିରେ ଧର୍ମଗଡ଼ ସହରରେ ଏକ ସ୍କୋର୍ପିଓ ଦୁର୍ଘଟଣାଗ୍ରସ୍ତ ହୋଇ ଏକ ଦୋକାନ ଘର ଭିତରକୁ ପଶିଯାଇଛି। ଦୁର୍ଘଟଣା ଯୋଗୁ ଦୋକାନ ଓ ଗାଡ଼ି ଉଭୟଙ୍କ କ୍ଷତି ଘଟିଛି। ଗତକାଲି ରାତି ପ୍ରାୟ ଗୋଟାଏ ବେଳେ ବରଯାତ୍ରୀଙ୍କୁ ନେଇ ଦ୍ରୁତଗତିରେ ଆସୁଥିବା ଏକ ସ୍କୋର୍ପିଓ ଏକ ବଳଦକୁ ଧକ୍କା ଦେଇ ଭାରସାମ୍ୟ ହରାଇ ଏକ କପଡ଼ା ଦୋକାନର ସଟର ଭାଙ୍ଗି ପଶି ଯାଇଥିଲା। ସ୍କୋର୍ପିଓ ଧକ୍କାରେ ବଳଦର ମୃତ୍ୟୁ ଘଟିଥିବା ବେଳେ ଗାଡ଼ିରେ ଥିବା ୫ଜଣ ବରଯାତ୍ରୀଙ୍କ ମଧ୍ୟରୁ ଜଣଙ୍କର ହାତ ଭାଙ୍ଗିଛି। ଡ୍ରାଇଭର ଓ ଅନ୍ୟ ୪ ଜଣ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଖବର ପାଇ ଧର୍ମଗଡ଼ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଗାଡିକୁ ଜବତ କରି ବରଯାତ୍ରୀଙ୍କୁ ପଚରାଉଚରା କରିଛି। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ ଡ୍ରାଇଭର ନିଶାସକ୍ତ ଅବସ୍ଥାରେ ଗାଡ଼ି ଚଳାଉଥିବାରୁ ଏପରି ଦୁର୍ଘଟଣା ଘଟିଛି।



● କଲମ୍ବୋ ଆନ୍ତର୍ଜାତିକ ଖେଳକୁଦ ପ୍ରତିଯୋଗିତା

## ଦୁଇ ବର୍ଷିଆନ କ୍ରୀଡ଼ାବିତ୍‌ଙ୍କୁ ୬ ସ୍ୱର୍ଣ୍ଣପଦକ

**ଭବାନୀପାଟଣା, ୧୮।୫(ସମିସ):** କଳାହାଣ୍ଡି ଜିଲ୍ଲାର ଦୁଇ ଜଣ ବର୍ଷିୟାନ କ୍ରୀଡାବିତ୍ ୮୦ ବର୍ଷୀୟ ଦୁର୍ଗାମାଧବ ମିଶ୍ର ଓ ୭୯ ବର୍ଷୀୟ ଟି. ରାମକୃଷ୍ଣଙ୍କୁ ମାଟିଲଗ୍ନା ସାହିତ୍ୟ ପରିବାର ତରଫରୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶ୍ରୀଲଙ୍କାର ରାଜଧାନୀ କଲମ୍ବୋରେ ଅନୁଷ୍ଠିତ ଆନ୍ତର୍ଜାତିକ ଖେଳକୁଦ ପ୍ରତିଯୋଗିତାରେ ଭବାନୀପାଟଣା ସହରର ଏହି ଦୁଇ କ୍ରୀଡ଼ାବିତ ଚମତ୍କାର ପ୍ରଦର୍ଶନ କରି ରାଜ୍ୟ ତଥା ଦେଶର ସୁନାମ ଆଣିଛନ୍ତି। ଦୁର୍ଗାମାଧବ ସଟପୁଟ୍, ହାମର ଓ ଡିସ୍କସ୍ ଥ୍ରୋରେ ସ୍ୱର୍ଣ୍ଣପଦକ ହାସଲ କରିଥିବା ବେଳେ, ଟି. ରାମକୃଷ୍ଣ ୫୦୦୦, ୩୦୦୦ ଓ ୮୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ହାସଲ କରି ଜିଲ୍ଲା, ରାଜ୍ୟ ଓ ଦେଶର ମାନ ବୃଦ୍ଧି କରିଛନ୍ତି। ଦୁଇ ବର୍ଷିୟାନ କ୍ରୀଡ଼ାବିତ୍‌ଙ୍କ ଏହି ଉଲ୍ଲେଖନୀୟ ସଫଳତା ନିମନ୍ତେ ମାଟିଲଗ୍ନା ସାହିତ୍ୟ ପରିବାର ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଅନୁଷ୍ଠାନର ଜିଲ୍ଲା ସଭାପତିସମୀର କୁମାର ମହାପାତ୍ର, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ଜିଲ୍ଲା ସଭାପତି ଶରତ ନାୟକ, ସମ୍ପାଦକ ରାଜେନ୍ଦ୍ର ସାହୁ, ମହମ୍ମଦ ବୁରାନ, ଖମାରି ବାବୁ ପ୍ରମୁଖ ଉପସ୍ଥିତ ରହି ସେମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।



● ମାଟିଲଗ୍ନା ସାହିତ୍ୟ ପରିବାର ପକ୍ଷରୁ ସମ୍ବର୍ଦ୍ଧନା

## ବଢ଼ିଲା କଳାକାରଙ୍କ ଭତ୍ତା ଆବେଦନ ତାରିଖ

**ଲାଞ୍ଜିଗଡ଼, ୧୮।୫(ସମିସ):** ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା ହେବା ସହିତ ଆଦର୍ଶ ନିର୍ବାଚନ ଆଚରଣବିଧି ଲାଗୁ ହୋଇଛି। ତେବେ ଏହି ସମୟ ମଧ୍ୟରେ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା ଅଧୀନରେ କଳାକାର ଓ ଲୋକ କଳାକାରମାନଙ୍କୁ ମାସିକ ଭତ୍ତା ପାଇଁ ଆବେଦନ କରିବାକୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଯାହାକି ଏପ୍ରିଲ ୩୦ ତାରିଖ ପର୍ଯ୍ୟନ୍ତ ଆବେଦନର ଶେଷ ତାରିଖ ରହିଥିଲା। ଏହି ସମୟରେ ନିର୍ବାଚନ ପରିଚାଳନା ପାଇଁ ସମସ୍ତ ପ୍ରଶାସନିକ ଅଧିକାରୀଙ୍କ ବ୍ୟସ୍ତତା ଯୋଗୁଁ ବହୁ କଳାକାର ବିଶେଷ କରି ଗ୍ରାମାଞ୍ଚଳର ଲୋକ କଳାକାରମାନେ କାଗଜପତ୍ର ପ୍ରସ୍ତୁତ ପାଇଁ ବ୍ୟାପକ ହଇରାଣ ହୋଇଥିଲେ। ଫଳରେ ଅନେକ କଳାକାର ଭତ୍ତା ଆବେଦନ କରିପାରି ନ ଥିଲେ। ଏପରିକି ରାଜ୍ୟ ସରକାରଙ୍କ ଏହି ମହତ୍ୱପୂର୍ଣ୍ଣ ଯୋଜନାରୁ କଳାହାଣ୍ଡି ସମେତ ରାଜ୍ୟର ଲକ୍ଷାଧିକ କଳାକାର ବଞ୍ଚିତ ହେବା ଆଶଙ୍କା ସୃଷ୍ଟି ହୋଇଥିଲା। ଏହାକୁ ନେଇ କଳାହାଣ୍ଡି ଜିଲ୍ଲାର ଯୁବ ସାମ୍ବାଦିକ ଓ ସମାଜସେବୀ ସୁଶୀଲ କୁମାର ବାଗ ଗତ ଏପ୍ରିଲ ୨୩ ତାରିଖରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ, ମୁଖ୍ୟ ଶାସନ ସଚିବ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଦୃଷ୍ଟି ଆକର୍ଷଣ କରି କଳାକାର ଭତ୍ତା ଆବେଦନ ତାରିଖ ଏପ୍ରିଲ ୩୦ ବଦଳରେ ଜୁନ ୩୦ କରିବାକୁ ନିବେଦନ କରିଥିଲେ। ଯାହାକୁ ରାଜ୍ୟ ସରକାର ଗ୍ରହଣ କରିବା ସହିତ କଳାକାରଙ୍କ ଭତ୍ତା ଆବେଦନ ଜୁନ ୩୦କୁ ବୃଦ୍ଧି କରିଥିବା ଜଣାପଡ଼ିଛି। ଏହାଦ୍ୱାରା ରାଜ୍ୟର ଲକ୍ଷାଧିକ ଦୁସ୍ଥ କଳାକାର ଉପକୃତ ହେବେ। ଏଥିପାଇଁ ରାଜ୍ୟ ସରକାର ତଥା ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗକୁ ଶ୍ରୀ ବାଗ ଧନ୍ୟବାଦ ଜଣାଇବା ସହିତ ଅଧିକରୁ ଅଧିକ କଳାକାର ଏହାର ସୁଯୋଗ ନେବାକୁ ଅନୁରୋଧ କରିଛନ୍ତି। ସେହିପରି ଶ୍ରୀ ବାଗଙ୍କ ପଦକ୍ଷେପକୁ ରାଜ୍ୟର ବିଭିନ୍ନ କଳାକାର ସଙ୍ଘ ତରଫରୁ ପ୍ରଶଂସା କରାଯାଇଛି।

● ଉପକୃତ ହେବେ ଲକ୍ଷାଧିକ କଳାକାର

## ଗାୟତ୍ରୀ ପରିବାରର ପ୍ରସ୍ତୁତି ବୈଠକ



**ନୂଆପଡ଼ା/ଖଡ଼ିଆଳ, ୧୮।୫(ସମିସ):** ଖଡିଆଳ ବ୍ଲକ ଚଲାନପଡ଼ା ଗାୟତ୍ରୀ ଶକ୍ତିପୀଠ ସଭାଗୃହରେ ନୂଆପଡ଼ା ଜିଲ୍ଲା ଗାୟତ୍ରୀ ପରିବାରର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ୨୩ ତାରିଖରେ ହେବାକୁ ଥିବା ଗୃହେ ଗୃହେ ଗାୟତ୍ରୀ ମହାଯଜ୍ଞ ଉପରେ ଆଲୋଚନା ହୋଇଥିଲା। ବୈଠକରେ ବ୍ୟାସ ନାରାୟଣ ଅହିର, ଅର୍ଜୁନ ବାଗ, ମମତା ମଞ୍ଜରୀ ଥପା, ଜୟନ୍ତୀ ଆଚାର୍ଯ୍ୟ, ଦୀପାଞ୍ଜଳି ଶବର, ଶୈଳେସ ଅଗ୍ରୱାଲ, ପ୍ରାଣବନ୍ଧୁ ସାହୁ, ଦୟାନିଧି ବାରିକ, ତରୁଣ ମେହେର, ପୂର୍ଣ୍ଣଚନ୍ଦ୍ର ମେହେର, ରାଜକୁମାର ସିଂଗଲ, ହେମରାଜ ସାହୁ, ଗିରିଶ ଚନ୍ଦ୍ର ବାରିକ, ଧନସିଂ ବାରିକ, ଲବଣେଶ୍ୱର ବାରିକ, ତ୍ରିଲୋଚନ ବିଶି, ରାମ ଶଙ୍କର ବାରିକ, ଦୟା ଥପା, ପୂର୍ଣ୍ଣ ସୁନାନୀ, ଜୟରାମ ଜାଲ ପ୍ରମୁଖ ଉପସ୍ଥିତ ଥିଲେ।

## ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

**ସିନାପାଲି, ୧୮।୫(ସମିସ):** ସିନାପାଲି ବ୍ଲକ କଇଟପଦର ସରକାରୀ ସ୍କୁଲରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଛୋଟ ଦର୍ଲିପଡ଼ା ଉପ୍ରା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ହେମନ୍ତ ନିଆଲଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। କଇଟପଦର କ୍ଲଷ୍ଟର ସିଆରସିସି ଶୋଭାରାମ ଜଗତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସିନାପାଲି ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜତିନ୍ଦ୍ର ସେଠ, ବିଦାୟୀ ଶିକ୍ଷକ ହେମନ୍ତ ନିଆଲ, ଏବିଇଓ ପ୍ରଦୀପ ପଣ୍ଡା, ପ୍ରଭାକର ମହାନ୍ତି, କମଳ ଲୋଚନ ମାଝି, କଇଟପଦର ସରକାରୀ ସ୍କୁଲ ପ୍ରଧାନ ଶିକ୍ଷକ ସୋମନାଥ ନାଏକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଚୂଡାମଣି ମେହେର ଅତିଥି ସ୍ୱାଗତ ସହ ମଞ୍ଚ ପରିଚାଳନା କରିଥିଲେ। ସିଆରସିସି ଶେଖର ବାଗ, ଦେବାନନ୍ଦ ବାଗ, ଶିକ୍ଷକ ବିପିନ ନାଏକ, ପ୍ରକାଶ ଜଗତ, ଦେବେନ୍ଦ୍ର ସୁନାନୀ, କ୍ଷିତିପତି ନାଗ, ଟିକେମଣି ଜଗତ, ରଜନି ମାଝି, ମଂଜୁକଲା ବାଗ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କ୍ଷିତିଶ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।



## ଶୋଷ ମେଣ୍ଟାଉନି ଥଣ୍ଡା ପାନୀୟ ଜଳ ପ୍ରକଳ୍ପ

**ଭବାନୀପାଟଣା, ୧୮।୫(ସମିସ)**

ପଥଚାରୀଙ୍କ ଶୋଷ ମେଣ୍ଟାଇବାକୁ ଭବାନୀପାଟଣା ପୌରପାଳିକା ପକ୍ଷରୁ ସହରର ଜନଗହଳିପୂର୍ଣ୍ଣ ସ୍ଥାନ, ପ୍ରମୁଖ ଛକ ଓ ପରିବା ହାଟ ଗୁଡ଼ିକରେ ଶୀତଳ ପାନୀୟ ଜଳ ମେସିନ୍ ଲଗାଯାଇଛି। କେତେକ ସ୍ଥାନରେ ଦୁଇବର୍ଷ ପୂର୍ବରୁ ଏହି ମେସିନ୍ ବସାଯାଇଥିଲା। ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ପ୍ରାୟ ଅଧିକାଂଶ ମେସିନ୍‌ରୁ ଶୀତଳ ଜଳ ବାହାରୁ ନ ଥିବା ପଥଚାରୀମାନେ ଅଭିଯୋଗ କରିଛନ୍ତି। ଗ୍ରୀଷ୍ମ ପ୍ରବାହରୁ ନିସ୍ତାର ତଥା ଶୋଷ ମେଣ୍ଟାଇବାକୁ ମେସିନ ପାଖକୁ ଦୌଡ଼ି ଆସୁଥିବା ପଥଚାରୀଙ୍କୁ ନିରାଶ ହୋଇ ଫେରିବାକୁ ପଡୁଛି। ଠିକ ସମାନ ଧରଣର ସମସ୍ୟା ଉପୁଜିଛି ଜିଲ୍ଲାପାଳ ଓ ତହସିଲ ଅଫିସ୍ ନିକଟରେ ସ୍ଥାପିତ ମେସିନ୍‌ରେ। ଅଧା ଟ୍ୟାପ ଭାଙ୍ଗି ନଷ୍ଟ ହୋଇଯାଇଛି। ମେସିନ୍ କାର୍ଯ୍ୟକ୍ଷମ ହେଉ ନ ଥିବାରୁ ଶୀତଳ ଜଳ ବାହାରୁନି। ଲୋକେ ବାରମ୍ବାର ଅଭିଯୋଗ କଲାପରେ ମଧ ମରାମତି ହେଉନାହିଁ। ଭବାନୀପାଟଣା ସହରରେ ଥିବା ଅଧିକାଂଶ ଶୀତଳ ପାନୀୟ ଜଳ ମେସିନ୍‌ର ଏଭଳି ଅବସ୍ଥା। ଦୈନିକ ବଜାର ଓ ଜନଗହଳିପୂର୍ଣ୍ଣ ସ୍ଥାନରେ ଥିବା ମେସିନ ଗୁଡ଼ିକ କାର୍ଯ୍ୟକ୍ଷମ ନ ଥିବାରୁ ଏଭଳି ସମସ୍ୟା ଉପୁଜିଛି। ପରିବା ବିକାଳିଙ୍କ ସହ ଅନ୍ୟମାନେ ଶୋଷ ମେଣ୍ଟାଇବାକୁ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ପ୍ରତ୍ୟେକ ମେସିନ୍ ପିଛା ପୌରପାଳିକା ପ୍ରାୟ ୭ ଲକ୍ଷ ଟଙ୍କାରୁ ଅଧିକ ବ୍ୟୟ କରିଛି। ସହର ବିଭିନ୍ନ ସ୍ଥାନରେ ପାଖାପାଖି ୧୦ରୁ ଅଧିକ ମେସିନ୍ ବସିଛି। ଉହଡହ ଖରାରେ ସିଝୁଥିବା ପଥଚାରୀଙ୍କ ପାଇଁ ଶୀତଳ ପାନୀୟ ଜଳ ମେସିନ୍‌କୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ମତପ୍ରକାଶ ପାଇଛି।



● ପୌରପାଳିକା ପାଲଟିଛି ନିଦାବିଷ୍ଟ

ରେଳ ବିଭାଗର ବିଚିତ୍ର ନୀତି

## ପାଣି ଲିକେଜ୍ ବନ୍ଦ କରି ରାସ୍ତା ମରାମତି ଭୁଲିଗଲା

**କେସିଙ୍ଗା, ୧୮।୫(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗାଠାରେ ଥିବା ଅଣ୍ଡର ପାସ୍ ରାସ୍ତାର ଅବସ୍ଥା ଦିନକୁ ଦିନ ଖରାପ ହେବାକୁ ଲାଗିଛି। ଅଣ୍ଡର ପାସ୍‌ରେ ବର୍ଷ ତମାମ ପାଣି ପାଇପ ଫାଟି ଅଯଥା ପାଣି ନଷ୍ଟ ହେବା ସହିତ ରାସ୍ତା ଖରାପ ଥିବା ଖବର ବିଭିନ୍ନ ସମ୍ବାଦପତ୍ରରେ ପ୍ରକାଶ ପାଇଆସୁଛି। ଫଳରେ ରେଳ ବିଭାଗ ତତ୍ପରତା ଦେଖାଇ ଆଜକୁ ପ୍ରାୟ ମାସେ ତଳେ ରାସ୍ତା ଖୋଳି ପାଇପ ମରାମତି କରିବା ସହିତ ପାଣି ଲିକେଜ ବନ୍ଦ କରିଥିଲା। ହେଲେ ବର୍ଷତମାମ ପାଣି ଲିକେଜ୍ ହୋଇ ରାସ୍ତା ସମ୍ପୂର୍ଣ୍ଣ କଦର୍ଯ୍ୟ ହୋଇପଡ଼ିଛି। ଉକ୍ତ ରାସ୍ତା ମରାମତି କରିବାକୁ ରେଳ ବିଭାଗ ଭୁଲି ଯାଇଛି। ଏହି ଅଣ୍ଡର ପାସ୍ ରାସ୍ତାରେ ୨୪ ଘଣ୍ଟା ଛୋଟ ବଡ଼ ଗାଡ଼ି ମଟର ଯାତାୟାତ କରୁଥିବାରୁ ରାସ୍ତା ଅବସ୍ଥା ଆହୁରି ଶୋଚନୀୟ ହୋଇପଡ଼ିଛି। ଏହି ଅଣ୍ଡର ପାସ୍ ରାସ୍ତାର ରକ୍ଷଣାବେକ୍ଷଣ କାର୍ଯ୍ୟ ରେଳ ବିଭାଗ ଅଧିନରେ ରହିଛି। ସେପଟେ ପାଣି ପାଇପ ମରାମତି ସମୟରେ ବାହାରିଥିବା ମାଟି ଗୋଡ଼ି ସେମିତି ରାସ୍ତା ଉପରେ ପଡ଼ିରହିଛି। ଆଜକୁ ପ୍ରାୟ ମାସେ ହେଲାଣି ରାସ୍ତାରୁ ତାହା ଉଠା ଯାଇ ନ ଥିବାରୁ ଗାଡିମଟର ଚଳାଚଳରେ ଅସୁବିଧା ଉପୁଜୁଛି। ଅତି ଶୀଘ୍ର ରାସ୍ତାରେ ପଡ଼ି ରହିଥିବା ଆବର୍ଜନା ଉଠାଇବା ସହିତ ରାସ୍ତା ମରାମତି ପାଇଁ ସାଧାରଣରେ ଦାବି ହେଉଛି।



## ସରିଳା ପ୍ରଚାର; ୨୦ରେ ଭୋଟ୍ ଗ୍ରହଣ

# ବୁଥ୍‌ରେ ପହଞ୍ଚିଲେ ପୋଲିଂ କର୍ମଚାରୀ

**ବୌଦ୍ଧ/ଶଗଡ଼ା, ୧୮ ।୫(ସମିସ)**

ବୌଦ୍ଧ ଜିଲ୍ଲାର ୮୫ କଣ୍ଟାମାଳ ଓ ୮୬ ବୌଦ୍ଧ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଆସନ୍ତା ୨୦ ତାରିଖରେ ସାଧାରଣ ନିର୍ବାଚନ ହେବ। ଏଥିପାଇଁ ଶନିବାର ଅପରାହ୍ନ ୫ଟାରୁ ପ୍ରଚାର ସରିଛି। ମଣ୍ଡଳୀରେ ୪୦ଟି ସଖୀ ବୁଥ୍ କରାଯାଇଛି। ସେହିପରି ବୌଦ୍ଧ ନିର୍ବାଚନ ମଣ୍ଡଳୀରେ ୨ଟି ବୁଥ୍‌କୁ ସହକାରୀ ବୁଥ୍ କରାଯାଇଛି। ସଖୀ ବୁଥ୍‌ରେ କେବଳ ମହିଳା କର୍ମଚାରୀଙ୍କ ଦ୍ୱାରା ନିର୍ବାଚନ ପରିଚାଳନା କରାଯିବ। ସେହିପରି ବୌଦ୍ଧ ଏନଏସିରେ ୧୫୦୦ରୁ ଅଧିକ ମତଦାତା





ମତଦାନ କାର୍ଯ୍ୟ ପରିଚାଳନା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ୩୭୩ଟି ବୁଥ୍‌କୁ କର୍ମଚାରୀଙ୍କୁ ପଠାଯାଇଛି। ସମୁଦାୟ ୪୧୩ଟି ବୁଥ୍‌ରେ ମତଗ୍ରହଣ କରାଯିବ। କଣ୍ଟାମାଳ ନିର୍ବାଚନ ମଣ୍ଡଳୀରେ ୨୧୭ ଓ ବୌଦ୍ଧରେ ୧୯୬ଟି ବୁଥ୍ ରହିଛି। ଉଭୟ ନିର୍ବାଚନ ଥିବା ୨ଟି ବୁଥ୍‌ରେ ଶୃଙ୍ଖଳାର ସହିତ ମତଦାନ ପାଇଁ ଅତିରିକ୍ତ ବୁଥ୍ କରାଯାଇଛି। ସଖି ବୁଥ୍‌ଗୁଡ଼ିକୁ ୧୯ ତାରିଖରେ କର୍ମଚାରୀଙ୍କୁ ପଠାଯିବ। ଏଥର ନିର୍ବାଚନରେ ୪୧୩ ଜଣ ପ୍ରିଜାଇଡିଂ ଅଫିସର, ୪୧୩ ପୁଲିଂ ଅଫିସରଙ୍କ ସମେତ ପ୍ରତ୍ୟେକ ବୁଥ୍‌ରେ ୭ ଜଣ ଲେଖାଏଁ କର୍ମଚାରୀ ସମୁଦାୟ ୨୮୯୧ ଜଣ କର୍ମଚାରୀ ନିୟୋଜିତ ହୋଇଛନ୍ତି। ମାଇକ୍ରୋ ଅବଜରଭର ଭାବେ ୨୯ ଜଣ ଅଧିକାରୀ ଓ ୫୯ ଜଣ ସେକ୍ଟର ଅଫିସରଙ୍କୁ ମାଜିଷ୍ଟ୍ରେଟ କ୍ଷମତା ପ୍ରଦାନ କରାଯାଇଛି। ୮୫ କଣ୍ଟାମାଳ ନିର୍ବାଚନ ମଣ୍ଡଳୀ ପାଇଁ ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟଭଞ୍ଜନ ମଦନମୋହନ ପାତ୍ର ଓ ୮୬ ବୌଦ୍ଧ ନିର୍ବାଚନ ମଣ୍ଡଳୀ ପାଇଁ ଉପଜିଲ୍ଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନାଙ୍କୁ ରିଟର୍ଣ୍ଣି ଅଫିସର ଭାବରେ ଦାୟିତ୍ୱ ପ୍ରଦାନ କରାଯାଇଛି। ୨୪୭ଟି ବୁଥ୍‌ରେ ୱେବକାଷ୍ଟିଂ ପାଇଁ ପ୍ରସ୍ତୁତ କରାଯାଇଛି। ଭିନ୍ନକ୍ଷମ ଭୋଟରଙ୍କୁ ସହଯୋଗ ପାଇଁ ୨୭୭ ଜଣ ସ୍ୱେଚ୍ଛାସେବୀ ନିୟୋଜିତ ହେବ। ନିର୍ବାଚନ ପାଇଁ ୬୭ଟି ବସ୍, ୪୩ଟି ବୋଲେରୋରେ କର୍ମଚାରୀଙ୍କୁ ପୁଲିଂ ବୁଥ୍‌କୁ ପଠାଯାଇଛି। ଏଥର ଜିଲ୍ଲାରେ ୨ଟି ନିର୍ବାଚନ ମଣ୍ଡଳୀରେ ୩ ଲକ୍ଷ ୩୫ ହଜାର ୪୮୮ ଜଣ ଭୋଟର ମତଦାନ କରିବେ। ସେଥିମଧ୍ୟରୁ ବୌଦ୍ଧ ନିର୍ବାଚନ ମଣ୍ଡଳିରେ ୧୬୬୪୬୧ ଭୋଟରଙ୍କ ମଧ୍ୟରୁ ପୁରୁଷ ଭୋଟର ୮୫୫୦୯ ଭୋଟର ରହିଥିବା ବେଳେ ୮୦୯୪୪ ମହିଳା ଭୋଟର ଓ ତୃତୀୟ ଲିଙ୍ଗ ଭୋଟର ସଂଖ୍ୟା ୮ ରହିଛି। ସେହିପରି କଣ୍ଟାମାଳ ନିର୍ବାଚନ ମଣ୍ଡଳିରେ ୧୬୯୦୨୭ ଭୋଟର ରହିଥିବା ବେଳେ ପୁରୁଷ ଭୋଟର ସଂଖ୍ୟା ୮୬୫୨୨ ଓ ମହିଳା ଭୋଟରଙ୍କ ସଂଖ୍ୟା ୮୨୫୦୪ ଓ ତୃତୀୟ ଲିଙ୍ଗଙ୍କ ଭୋଟର ସଂଖ୍ୟା ୧ ରହିଛି।

ନିର୍ବାଚନ ପାଇଁ ୧୮ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ଜିଲ୍ଲାରେ ସମସ୍ତ ମଦ ଦୋକାନ ଗୁଡିକୁ ସିଲ୍ କରାଯାଇଛି। ମତଦାନ କେନ୍ଦ୍ରରୁ ୨ ଶହ ମିଟର ଦୂରତାକୁ ନିଷିଦ୍ଧାଞ୍ଚଳ ଭାବେ ଘୋଷଣା କରାଯାଇଛି। ଜିଲ୍ଲାରେ ସକାଳ ୭ଟାରୁ ଅପରାହ୍ନ ୪ ଟା ପର୍ଯ୍ୟନ୍ତ ମତଦାନ କରାଯିବ। ନିର୍ବାଚନରେ ଜିଲ୍ଲାରେ ଅଧିକରୁ ଅଧିକ ନାଗରିକ ନିଜର ମତ ସାବ୍ୟସ୍ତ କରିବାକୁ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଜେ. ସୋନାଲ ନିବେଦନ କରିଛନ୍ତି।

## ନିର୍ବାଚନ ପରିଚାଳନା ନେଇ ସନ୍ଦେହ

# ଅଧିକାରୀଙ୍କୁ ଜଣାନାହିଁ ନିୟମ

**ବୌଦ୍ଧ, ୧୮ ।୫(ସମିସ):** ବୌଦ୍ଧ ଜିଲ୍ଲାର ଦୁଇ ବିଧାନସଭା ନିର୍ବାଚନମଣ୍ଡଳୀ ବୌଦ୍ଧ ଓ କଣ୍ଟାମାଳ ସହ ଏହି ଦୁଇଟି ବିଧାନସଭା ମଣ୍ଡଳୀର ସଂସଦୀୟକ୍ଷେତ୍ର କନ୍ଧମାଳ ଲୋକସଭା ଆସନ ଲାଗି ୨୦ ତାରିଖରେ ନିର୍ବାଚନ ହେବ। ତେବେ ଠିକ ଢଙ୍ଗରେ ପରିଚାଳନା ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏହାର କାରଣ ନିର୍ବାଚନ ଅଧିକାରୀମାନଙ୍କୁ ନିର୍ବାଚନ ସମ୍ବନ୍ଧୀୟ ନିୟମ ଜଣାନାହିଁ।

### ଭୁଲ୍ ତଥ୍ୟ ଦେଉଛନ୍ତି

ନିର୍ବାଚନର ୪୮ ଘଣ୍ଟା ପୂର୍ବରୁ ପ୍ରାର୍ଥୀଙ୍କ ପ୍ରଚାର ସମ୍ପୂର୍ଣ୍ଣ ବନ୍ଦ ହେବା ଏକ ବିଧିବଦ୍ଧ ନିର୍ବାଚନୀ ନିୟମ ରହିଛି। ୧୬ ତାରିଖ ମଧ୍ୟାହ୍ନରେ ପ୍ରାର୍ଥୀଙ୍କ ଦ୍ୱାରା ପ୍ରଚାର ବନ୍ଦ ହେବାର ଠିକ୍ ସମୟ ଜାଣିବା ପାଇଁ ଆମେ ନିର୍ବାଚନ ଦାୟିତ୍ୱରେ ଥିବା ଡେପୁଟି କଲେକ୍ଟର ଶାଶ୍ୱତ ପ୍ରଧାନଙ୍କୁ ଟେଲିଫୋନ ଯୋଗେ ପଚାରିଥିଲୁ। ଶ୍ରୀ ପ୍ରଧାନ ଆମକୁ ୧୭ ତାରିଖ ଅପରାହ୍ନ ୪ଟାରୁ ପ୍ରଚାର ବନ୍ଦ ରହିବ ବୋଲି କହିଥିଲେ। ଯେହେତୁ ନିର୍ବାଚନ ୨୦ ତାରିଖରେ ଅନୁଷ୍ଠିତ ହେବ ତାହାର ୪୮ ଘଣ୍ଟା ପୂର୍ବରୁ ଅର୍ଥାତ୍ ୧୮ ତାରିଖ ହେବା କଥା। ତେଣୁ ସନ୍ଦେହ ହେବାରୁ ସେହିଦିନ ଅପରାହ୍ନରେ ପୁଣି ଉପ ଜିଲ୍ଲାପାଳ ତଥା ବୌଦ୍ଧ ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଙ୍ଗ ଅଫିସର ପ୍ରଭାସ ଚନ୍ଦ୍ର ଦଣ୍ଡସେନାଙ୍କୁ ଟେଲିଫୋନ ଯୋଗେ ସମାନ କଥା ପଚାରିଥିଲୁ। ଶ୍ରୀ ଦଣ୍ଡସେନା ମଧ୍ୟ ସେହି ସମାନ କଥା ୧୭ ତାରିଖ ଅପରାହ୍ନ ୪ଟାରୁ ନିର୍ବାଚନ ପ୍ରଚାର ବନ୍ଦ ରହିବ ବୋଲି କହିଥିଲେ। ତେବେ ୧୭ ତାରିଖ ଅପରାହ୍ନ ୪ଟା ପରେ ମଧ୍ୟ ନିର୍ବାଚନୀ ପ୍ରଚାର ଚାଲୁଥିବା ହେତୁ ପୁଣି ଉପ ଜିଲ୍ଲାପାଳ ଶ୍ରୀ ଦଣ୍ଡସେନାଙ୍କୁ ସନ୍ଧ୍ୟାରେ ଏ ବିଷୟରେ ଟେଲିଫୋନ ଯୋଗେ ପଚାରିଥିଲୁ। ତେବେ ଶ୍ରୀ ଦଣ୍ଡସେନା ନିର୍ବାଚନର ୪୮ ଘଣ୍ଟା ପୂର୍ବରୁ ଅର୍ଥାତ ୧୮ ତାରିଖ ଅପରାହ୍ନ ୪ ଟା ପର୍ଯ୍ୟନ୍ତ ପ୍ରଚାର ହୋଇପାରିବ ବୋଲି କହିଥିଲେ। କାହିଁକି ଭୁଲ ତଥ୍ୟ ଦେଇଥିଲେ ବୋଲି ପଚାରିବାରୁ କଥାକୁ ବାଆଁରେଇ ଯାଇଥିଲେ।ର

ଏଠାରେ ସ୍ୱତଃ ପ୍ରଶ୍ନ ଉଠେ ଯେ ଯଦି ନିର୍ବାଚନ ଅଧିକାରୀମାନଙ୍କୁ ନିର୍ବାଚନ ସମ୍ବନ୍ଧୀୟ ନିୟମ ଜଣାନାହିଁ ତେବେ ଠିକ୍ ଢଙ୍ଗରେ କିଭଳି ନିର୍ବାଚନ ପରିଚାଳନା ହେବ। ନିଜର ଅଜ୍ଞାନତା ଯୋଗୁଁ ଏହି ଅଧିକାରୀମାନେ ଗଣମାଧ୍ୟମକୁ ମଧ୍ୟ ମିଥ୍ୟା ଏବଂ ଦାୟିତ୍ୱହୀନ ତଥ୍ୟ ପ୍ରଦାନ କରୁଛନ୍ତି। ଗଣମାଧ୍ୟମକୁ ତଥ୍ୟ ଦେବା ପୂର୍ବରୁ ଏହି ଅଧିକାରୀମାନେ ଦାୟିତ୍ୱସମ୍ପନ୍ନ ହେବାର ଆବଶ୍ୟକତା ରହିଛି। ଏହି ଅଧିକାରୀମାନେ ଜିଲ୍ଲାରେ ନିର୍ବାଚନ ପରିଚାଳନା କରିବାକୁ ଥିବା ସରକାରୀ କର୍ମଚାରୀମାନଙ୍କୁ ମଧ୍ୟ ବିଭିନ୍ନ ପର୍ଯ୍ୟାୟରେ ନିର୍ବାଚନ ପରିଚାଳନା ସଂକ୍ରାନ୍ତୀୟ ତାଲିମ ପ୍ରଦାନ କରିଛନ୍ତି। ଯଦି ଏଭଳି ଭୁଲ୍ ନିୟମ ବା ତଥ୍ୟ ଆଧାରିତ ତାଲିମ ପ୍ରଦାନ କରିଥିବେ ତେବେ ଜିଲ୍ଲାରେ କିଭଳି ଠିକ ଏବଂ ଅବାଧ ନିର୍ବାଚନ ପରିଚାଳନା ହେବ ତାହା ସହଜେ ଅନୁମେୟ।

# ଦାୟିତ୍ୱରେ ଅବହେଳା କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ



**ସୁବଳୟା, ୧୮ ।୫ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର (୬୪) ସଂରକ୍ଷିତ ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ପ୍ରସ୍ତୁତ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ବୀରମହାରାଜପୁର କଲେଜ ପଡ଼ିଆରେ ନିର୍ବାଚନ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ତାଲିମ ପ୍ରଦାନ କରାଯାଇଛି। ନିର୍ବାଚନ କାର୍ଯ୍ୟ ସୂଚାରୁ ରୂପେ ପରିଚାଳନା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ନିଜ ଦାୟତ୍ୱରେ ଅବହେଳା କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୁବର୍ଣ୍ଣପୁର ଜିଲ୍ଲାପାଳ ଅନ୍ୟା ଦାସ ଚେତାବନୀ ଦେଇଛନ୍ତି।

ଜିଲ୍ଲାରେ ସମୁଦାୟ ୫୮୬ ବୁଥ୍ ରହିଛି। ସେଥିମଧ୍ୟରୁ ସୋନପୁରରେ ୩୧୯ ଓ ବୀରମହାରାଜପୁରରେ ୨୮୬ ବୁଥ୍ ରହିଛି। ଜିଲ୍ଲାର ୨ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ମଧ୍ୟରୁ ସୋନପୁରରେ ମୋଟ ମତଦାତାଙ୍କ ସଂଖ୍ୟା ୨ଲକ୍ଷ ୫୪ହଜାର ୬୯୬। ଏହି ନିର୍ବାଚନ ମଣ୍ଡଳୀରେ ୮ଟି ପିଙ୍କ୍ ବୁଥ ରହିଛି। ସେହିପରି ବୀରମହାରାଜପୁରରେ ମୋଟ୍ ମତଦାତାଙ୍କ ସଂଖ୍ୟା ୨ଲକ୍ଷ ୧୫ହଜାର ୩୫୩। ଏହି ନିର୍ବାଚନମଣ୍ଡଳୀ ପାଇଁ ୫ଟି ପିଙ୍କ୍ ବୁଥ୍ ରହିଛି।

ସମ୍ବେଦନଶୀଳ ଓ ଅତି ସମ୍ବେଦନଶୀଳ ବୁଥ ପାଇଁ ବ୍ୟାପକ ପୁଲିସ୍ ବ୍ୟବସ୍ଥା କରାଯାଇଛି। ପ୍ରବଳ ଖରା ହେଉଥିବାରୁ ପ୍ରତ୍ୟେକ ବୁଥ୍‌ରେ ପାନୀୟ ଜଳର ବ୍ୟବସ୍ଥା କରିବା ସହ ମେଡିକାଲ୍ ଟିମ୍ ମଧ୍ୟ ସଜାଗ ରହିଛନ୍ତି।

ଏହି କାର୍ଯ୍ୟକ୍ରମରେ ବୀରମହାରାଜପୁର ନିର୍ବାଚନ ଅଧିକାରୀ ଉପଜିଲ୍ଲାପାଳ ଲଲାଟେନ୍ଦୁ ସି, ଏଆରଓ ତଥା ବୀରାମହରାଜପୁର ତହସିଲଦାର ପୁନମ୍ ମହାପାତ୍ର, ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ପିଡି (ଡୁଡା) ବିଶ୍ୱନାଥ ବାରିକ, ଉଲୁଣ୍ଡା ତହସିଲଦାର ବିପିନ୍ ପ୍ରଧାନ, ଉଲୁଣ୍ଡା ଅତିରିକ୍ତ ତହସିଲଦାର ସୋମନାଥ ବେହେରା, ବୀରମହାରାଜପୁର ଅତିରିକ୍ତ ତହସିଲଦାର ସ୍ୱାଗତ ପଣ୍ଡା, ବୀରମହାରାଜପୁର ବିଡ଼ିଓ ପ୍ରିୟଦର୍ଶିନୀ ମିର୍ଦ୍ଧା, ସହକାରୀ ଜିଲ୍ଲାପାଳ ଉପେନ୍ଦ୍ର ଦାସ, ଜୟକୃଷ୍ଣ ପାଣିଗ୍ରାହୀ, ଅଜିତ ମିର୍ଦ୍ଧା ପ୍ରମୁଖ ଉପସ୍ଥିତ ଥିଲେ।

# ନାରାୟଣପ୍ରସାଦରେ ନିର୍ବାଚନୀ ହିଂସା

**ଶଗଡ଼ା, ୧୮ ।୫(ସମିସ):** ଘଣ୍ଟାପଡ଼ା ଥାନା ନାରାୟଣପ୍ରସାଦରେ ନିର୍ବାଚନୀ ହିଂସା ଦେଖିବାକୁ ମିଳିଛି। ନାରାୟଣପ୍ରସାଦ ପଞ୍ଚାୟତରେ ବିଜେପି ପକ୍ଷରୁ ପ୍ରଚାର ସାରି ଦୁର୍ଗା ମନ୍ଦିର ନିକଟରେ ଭୋଜି ଖାଉଥିବା ବେଳେ ଗ୍ରାମର ସତ୍ୟବାନ ବାଘ, ଦକ୍ଷରାଜ କୁଦେଇ, ସମ୍ପତ୍ତି ବାଘ ଟାଙ୍ଗି, ଟାଙ୍ଗିଆ ଓ ଠେଙ୍ଗା ଧରି ଦ୍ୱାରୁ ଭୋଇଙ୍କୁ ଗାଳି କରିବା ସହ ଆକ୍ରମଣ କରିଥିଲେ। ଏହାପରେ ଗ୍ରାମର ଭଗବାନ ବାଘ, ସନମାନ ବାଘ, ଦିନେଶ ବାଘ, ରାଜେଶ ବାଘ, ବିଲ କୁଦେଇ ଶଙ୍କର ବାଘ, ପରମା ନାଏକ, ଜନକ ବାଘ, ପାର୍ବତୀ ବାଘ ଓ ଅନ୍ୟମାନେ କଟୁରୀ, କାତି ଓ ଠେଙ୍ଗା ଧରି ଆକ୍ରମଣ କରିଥିଲେ। ଏହା ଦେଖି ସତ୍ୟନାରାୟଣ ମାଝୀ, ଡମ୍ବରୁଧର କହଁର, ରମା ରଞ୍ଜନ ସାହୁ ଓ ଅନ୍ୟ ବିଜେପି କର୍ମୀ ଗଣ୍ଡଗୋଳ ବନ୍ଦ କରିବା ପାଇଁ ମରଣାସ୍ତ୍ର ଛଡାଇ ବୁଝାମଣା କରିଥିଲେ। ଏତିକି ବେଳେ ଦକ୍ଷରାଜ କୁଦେଇ ଦ୍ୱାରୁ ଉପରକୁ ପିସ୍ତଲ ଉଠାଇଥିଲା। ତେବେ ଡମ୍ବରୁଧର ତାକୁ ବୁଝାଇ ସୁଝାଇ ଅନ୍ୟତ୍ର ନେଇଥିଲେ। ଦ୍ୱାରୁ ଦଳୀୟ ଗାଡ଼ିରେ ବସି ଥାନାକୁ ଯିବା ବାଟରେ ଜିତେନ୍ଦ୍ର ମହାକୁଡ଼ ଓ ଅନ୍ୟ ଜଣେ ମିଶି ଅଟକାଇ ତାଙ୍କୁ ମୁଥ ମାରିଥିଲେ ବୋଲି ଦ୍ୱାରୁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଦ୍ୱିତୀୟ ପକ୍ଷରୁ ମଧ୍ୟ ପାଲଟା ଅଭିଯୋଗ ହୋଇଛି। ଅଭିଯୋଗକାରୀ ସମ୍ପତ୍ତି ବାଘ ଉଲ୍ଲେଖ କରିଛନ୍ତି ଯେ; ୧୬ ତାରିଖ ଦିନ ସମ୍ପତ୍ତି ବାଘର ବାପା ଭଗବାନ ବାଘଙ୍କୁ ଜଳଖିଆ ଦୋକାନରେ ବଡ଼ଅସୁର ଗ୍ରାମର ଦ୍ୱାରୁ ଭୋଇ ମାଡ ମାରିଥିଲେ। ୧୭ ତାରିଖ ଦିନ ସମ୍ପତ୍ତିକୁ ଗାଳି ଗୁଲଜ କରିବା ସହ ମାଡ଼ ମାରିଥିଲେ। ସମ୍ପତ୍ତି ଘରକୁ ଯାଇ ପରିବାର ଲୋକଙ୍କୁ ଜଣାଇବାରୁ ଭୋଜି ସ୍ଥାନକୁ ଯାଇ ଦ୍ୱାରୁକୁ ଡାକିଥିଲେ। ସେଠାରେ ଉପସ୍ଥିତ ଥିବା ସତ୍ୟନାରାୟଣ ମାଝୀ, ସତ୍ୟା ପାତ୍ର, ରମା ରଞ୍ଜନ ସାହୁ, ପୂର୍ଣ୍ଣଚନ୍ଦ୍ର ମହାଲିଙ୍ଗ, ଶିବ ପ୍ରସାଦ ବିଶି ପ୍ରମୁଖ ୧୦/୧୫ ଜଣ ଘେରି ଯାଇଥିଲେ। ତେବେ ଏ ନେଇ ନେଇ ଘଣ୍ଟାପଡ଼ା ଥାନାରେ ପୃଥକ ୨ଟି ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି ବୋଲି ଥାନା ଅଧିକାରୀ ମାଧବ ଚନ୍ଦ୍ର ଟାକ୍ରି ସୂଚନା ଦେଇଛନ୍ତି।

# ପୁଲିସ ପକ୍ଷରୁ ଯାନବାହନ ଯାଞ୍ଚ୍

**ସୁବଳୟା, ୧୮ ।୫(ସମିସ):** ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଶନିବାର ବୀରମହାରାଜପୁର ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଯାନବାହନ ଯାଞ୍ଚ କରାଯାଇଛି।



ସ୍ଥାନୀୟ କର୍ଡାପାଳ, କେନଝିରିଆପାଲି, ଘିଚାପାଲି, ମେଟାକାନୀ, ଖଣ୍ଡହତା, ଗୋବିନ୍ଦପୁର, ଗରିଆମୁଣ୍ଡା, ଅମରପାଲି ଆଦି ଛକରେ ଗାଡି ମଟର ତନଖି କରାଯାଇଥିଲା। ଫ୍ଲାଇଂ ସ୍କ୍ୱାଡ୍ ଟିମ୍ ପକ୍ଷରୁ ବିଦ୍ୟାଧର ଦାସ, ଏଏସ୍‌ଆଇ ସନ୍ତୋଷ ଗୌଡ ପ୍ରମୁଖ ଏଥିରେ ନେତୃତ୍ୱ ନେଇଥିଲେ।

# ଭୋଟ ଦେବାକୁ ଉଦାସୀନ ସରକାରୀ ଅଧିକାରୀ ଓ କର୍ମଚାରୀ

**ବୌଦ୍ଧ, ୧୮ ।୫(ସମିସ):** ବୌଦ୍ଧ ଜିଲ୍ଲାରେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ସରକାରୀ ଅଧିକାରୀ ଓ ଭୋଟ୍ ଦେବାକୁ ଉଦାସୀନତା ପ୍ରକାଶ କରିଥିବା ପ୍ରମାଣ ମିଳିଛି। ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରୁ ମାତ୍ର ୧୫୯୨ ଜଣ କର୍ମଚାରୀ ପୋଷ୍ଟାଲ ଭୋଟିଂ କରିଛନ୍ତି। ମାତ୍ର ୭୦ ପ୍ରତିଶତ ଭୋଟ୍ ପଡ଼ିଥିବା ତଥ୍ୟ ମିଳିଛି। ସେଥି ମଧ୍ୟରୁ ବୌଦ୍ଧ ନିର୍ବାଚନ ମଣ୍ଡଳୀରୁ ୭୮୪ ଜଣ ଏବଂ କଣ୍ଟାମାଳ ନିର୍ବାଚନ ମଣ୍ଡଳୀରୁ ୮୦୮ ଜଣ ସରକାରୀ ଅଧିକାରୀ ଓ କର୍ମଚାରୀ ମତଦାନ କରିଛନ୍ତି।

୨୦୨୪ ସାଧାରଣ ନିର୍ବାଚନରେ ନିୟୋଜିତ ହେବାକୁ ଥିବା ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ଚଳିତ ମାସ ୧୧ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ପୋଷ୍ଟାଲ ଭୋଟିଂ ପାଇଁ ବ୍ୟବସ୍ଥା କରାଯାଇଥିଲା। ଏ ନେଇ ତଥ୍ୟ ପାଇବାକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିୟାରସିଂଙ୍କୁ ଯୋଗାଯୋଗ କରିବାରୁ ସନ୍ଧ୍ୟା ସୁଦ୍ଧା ସେ ତଥ୍ୟ ଦେବା ପାଇଁ ଅସମର୍ଥ ବୋଲି ପ୍ରକାଶ କରିଥିଲେ। ଏହାପରେ ପୋଷ୍ଟାଲ ଭୋଟିଂ ଦାୟିତ୍ୱରେ ଥିବା ଅଧିକାରୀ ବୌଦ୍ଧ ଅତିରିକ୍ତ ତହସିଲଦାର ମହମ୍ମଦ ରାଜେ ରସୁଲଙ୍କ ସହିତ ଯୋଗାଯୋଗ କରିବାରୁ ସେ ମଧ୍ୟ ଏ ସମ୍ପର୍କରେ କୌଣସି ତଥ୍ୟ ଦେବାକୁ ମନା କରି ଦେଇଥିଲେ। ଏହାପରେ ନିର୍ବାଚନ ଦାୟିତ୍ୱରେ ଥିବା ଡେପୁଟି କଲେକ୍ଟର ଶାଶ୍ୱତ ପ୍ରଧାନଙ୍କ ସହିତ ଯୋଗାଯୋଗ କରିବାରୁ ସେ ମଧ୍ୟ କୌଣସି ତଥ୍ୟ ଦେଇ ନ ଥିଲେ। ଅବଶ୍ୟ ପ୍ରାୟ ୭୦ ପ୍ରତିଶତ ସରକାରୀ ଅଧିକାରୀ ଓ କର୍ମଚାରୀ ପୋଷ୍ଟାଲ ଭୋଟିଂ କରିଥିବା ପ୍ରକାଶ କରିଥିଲେ।

ତେବେ ବୌଦ୍ଧ ଜିଲ୍ଲାର ଉଭୟ ନିର୍ବାଚନ ମଣ୍ଡଳୀର ମୋଟ ୪୧୩ ବୁଥ୍ ପାଇଁ ୪୧୩ ଜଣ ପ୍ରିଜାଇଡିଂ ଅଫିସର, ୪୧୩ ପୁଲିଂ ଅଫିସରଙ୍କ ସମେତ ପ୍ରତ୍ୟେକ ବୁଥ୍‌ରେ ୭ ଜଣ ଲେଖାଏଁ କର୍ମଚାରୀ ସମୁଦାୟ ୨୮୯୧ଜଣ କର୍ମଚାରୀ ନିୟୋଜିତ ହୋଇଛନ୍ତି। ସେହିପରି ମାଇକ୍ରୋ ଅବଜରଭର ଭାବରେ ୨୯ ଜଣ ଅଧିକାରୀ ଓ ୫୯ ଜଣ ସେକ୍ଟର ଅଫିସରଙ୍କୁ ମାଜିଷ୍ଟ୍ରେଟ କ୍ଷମତା ପ୍ରଦାନ କରାଯାଇଛି। ଏହିପରି ମୋଟ ୨୯୭୯ ଜଣ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଏହାବାଦ ଫ୍ଲାଇଂ ସ୍କ୍ୱାଡ୍, ସୁରକ୍ଷା କର୍ମଚାରୀ, ରିଜର୍ଭ କର୍ମଚାରୀ ଏବଂ ଅନ୍ୟାନ୍ୟ ଅଫିସିଆଲ କର୍ମଚାରୀ ମଧ୍ୟ ନିୟୋଜିତ ହୋଇଛନ୍ତି। ତେବେ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ନିର୍ବାଚନ ପୂର୍ବରୁ ଶତ ପ୍ରତିଶତ ମତଦାନ ପାଇଁ ବିଭିନ୍ନ ସଚେତନତା, ୱାକାଥନ, ପଥପ୍ରାନ୍ତ ସଭା, ସାମୂହିକ ଶପଥପାଠ ଭଳି ଅନେକ କାର୍ଯ୍ୟକ୍ରମ ଜିଲ୍ଲା ପ୍ରଶାସନ ତରଫରୁ କରାଯାଇଛି। ମତଦାତାଙ୍କୁ ଭାରତର ନାଗରିକ ଭାବେ ଗଣତନ୍ତ୍ରରେ ନିଜର ପୂର୍ଣ୍ଣ ଆସ୍ଥା ରଖିବା ସହ ମୁକ୍ତ, ଅବାଧ ଏବଂ ଶାନ୍ତିପୂର୍ଣ୍ଣ ନିର୍ବାଚନର ଗରିମାକୁ ଅକ୍ଷୁର୍ଣ୍ଣ ରଖି ଶତ ପ୍ରତିଶତ ମତଦାନ କରିବାକୁ ଆହ୍ୱାନ ଦିଆଯାଉଛି। ଯଦି ଖୋଦ ସରକାରୀ ଅଧିକାରୀ ଓ କର୍ମଚାରୀ ଏହି ମହାନ ଗଣତାନ୍ତ୍ରିକ ପ୍ରକ୍ରିୟାରେ ସାମିଲ ହେବାକୁ ଉଦାସୀନତା ପ୍ରକାଶ କରିବେ ତେବେ ସାଧାରଣ ମାତଦାତା କିଭଳି ସଚେତନ ହୋଇପାରିବେ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

# ନିର୍ବାଚନ ପରିଚାଳନା ପାଇଁ ପ୍ରଶାସନର ପ୍ରସ୍ତୁତି

**ସୋନପୁର, ୧୮ ।୫ (ସମିସ):** ସୁବର୍ଣ୍ଣପୁର ଜିଲ୍ଲାରେ ମେ ୨୦ରେ ଭୋଟ ଗ୍ରହଣ ହେବ। ସୁରୁଖୁରୁରେ ଏବଂ ନିରପେକ୍ଷ ନିର୍ବାଚନ ପରିଚାଳନା ନେଇ ଜିଲ୍ଲାପାଳ ଅନ୍ୟା ଦାସ ଗୁରତ୍ୱ ଦେଇଛନ୍ତି। ଜିଲ୍ଲାରେ ମେ ୨୦ରେ ସକାଳ ୭ ଘଣ୍ଟାରୁ ମତଦାନ ଆରମ୍ଭ ହେବ। ସନ୍ଧ୍ୟା ୬ ଘଣ୍ଟା ପର୍ଯ୍ୟନ୍ତ ଏହା ଚାଲିବ। ଜୁନ୍ ୪ରେ ଭୋଟ ଗଣତି ହେବ ବୋଲି ସେ ସୂଚନା ଦେଇଛନ୍ତି।

ଚଳିତ ନିର୍ବାଚନରେ ବୀରମହାରାଜପୁର ସଂରକ୍ଷିତ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୭ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରଛନ୍ତି। ସେହିଭଳି ସୋନପୁର ନିର୍ବାଚନ ମଣ୍ଡଳୀରେ ୮ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏହା ସହ ଜିଲ୍ଲାରେ ବଲାଙ୍ଗୀର ସଂସଦୀୟ କ୍ଷେତ୍ର ପାଇଁ ମଧ୍ୟ ମତଦାନ ହେବ। ଏଥିପାଇଁ ମୋଟ ୩୫୧୬ ଜଣ ପୁଲିଂ ଅଫିସର ଏବଂ ସ୍ଥିତି ଅନୁଧ୍ୟାନ ପାଇଁ ୬୪ ଜଣ ସେକ୍ଟର ଅଫିସରଙ୍କୁ ନିଯୁକ୍ତି ଦିଆଯାଇଛି। ଜିଲ୍ଲାର ସମଗ୍ର ୬ଟି ବ୍ଲକ, ଗୋଟିଏ ପୌରପରିଷଦ, ୨ଟି ଏନ୍‌ଏସିରେ ମୋଟ ୪୭୦୦୪୯ ଜଣ ମତଦାତା ରହିଛନ୍ତି। ସେଥିରୁ ପୁରୁଷ ଭୋଟର ୨୪୩୪୩୪ ଜଣ ଥିବା ବେଳେ ମହିଳା ଭୋଟର ୨୨୬୬୦୦ ଜଣ ଏବଂ ତୃତୀୟ ଲିଙ୍ଗ ଭୋଟର ୧୫ ଜଣ ରହିଛନ୍ତି। ଜିଲ୍ଲାରେ ବରିଷ୍ଠ ନାଗରିକ ଭୋଟର ସଂଖ୍ୟା ୪୦୩୩, ଯୁବ ଭୋଟର ୧୨୦୨୨ ଏବଂ ଦିବ୍ୟାଙ୍ଗ ଭୋଟର ୩୫୨୦ ଜଣ ଅଛନ୍ତି। ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୧୫୩୫୩ ମତଦାତା ରହିଥିବା ବେଳେ ପୁରୁଷ ଭୋଟର ୧୧୧୯୯୪,



ମହିଳା ଭୋଟର ୧୦୩୩୫୬, ତୃତୀୟ ଲିଙ୍ଗ ୩ ଜଣ ଅଛନ୍ତି। ବରିଷ୍ଠ ନାଗରିକ ୧୮୦୦ ଜଣ, ଯୁବ ଭୋଟର ୫୧୮୬ ଓ ଦିବ୍ୟାଙ୍ଗ ମତଦାତା ସଂଖ୍ୟା ୧୩୦୯ ରହିଛି। ସେହିପରି ସୋନପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ସମୁଦାୟ ଭୋଟର ସଂଖ୍ୟା ୨୫୪୬୯୬ ରହିଛି। ତନ୍ମଧ୍ୟରେ ପୁରୁଷ ଭୋଟର ୧୩୧୪୪୦, ମହିଳା ଭୋଟର ୧୨୩୨୪୪, ତୃତୀୟ ଲିଙ୍ଗ ଭୋଟର ୧୨ ଜଣ ରହିଛନ୍ତି। ଏମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ଭୋଟର ୨୨୩୩, ଯୁବ ମତଦାତା ସଂଖ୍ୟା ୬୮୩୬ ଓ ଦିବ୍ୟାଙ୍ଗ ଭୋଟର ସଂଖ୍ୟା ୨୨୧୧ ରହିଛି।

ବୀରମହାରାଜପୁର ନିର୍ବାଚନମଣ୍ଡଳୀରେ ୨୬୭ ଏବଂ ସୋନପୁର ନିର୍ବାଚନମଣ୍ଡଳୀରେ ୩୧୯ ଏଭଳି ମୋଟ ୫୮୬ଟି ମତଦାନ କେନ୍ଦ୍ରରେ ମତ ଗ୍ରହଣ କରାଯିବ। ଏଥିରୁ ୯୦ଟି ବୁଥ୍ ସମ୍ବେଦନଶୀଳ ଏବଂ ୩୦ଟି ବୁଥ୍ ଅତି ସମ୍ବେଦନଶୀଳ ଚିହ୍ନଟ କରାଯାଇଛି। ସଖୀ ବୁଥ ୧୩ଟି, ଯୁବ ଅଫିସରମାନଙ୍କ ଦ୍ୱାରା ପରିଚାଳିତ ବୁଥ୍ ୧୦ଟି, ଦିବ୍ୟାଙ୍ଗ ଅଫିସରମାନଙ୍କ ଦ୍ୱାରା ପରିଚାଳିତ ବୁଥ ଗୋଟିଏ, ପରିବେଶ ଅନୁକୂଳ ବୁଥ୍ ୧୦ଟି, ଏଥିନିକ ଥିମ୍ ବେଶ୍ ବୁଥ୍ ୬ଟି ଏବଂ ଅନ୍ୟାନ୍ୟ ଥିମ୍ ବେଶ୍ ବୁଥ୍ ୪ଟି ରହିଛି। ସମସ୍ତ ବୁଥ୍‌ରେ ବିଜୁଳି, ପିଇବା ପାଣି, ଆଶ୍ରୟ ସ୍ଥଳ, ପ୍ରାଥମିକ ଚିକିତ୍ସା ସୁବିଧା ସହ ଦିବ୍ୟାଙ୍ଗ ଭୋଟରଙ୍କ ପାଇଁ ସୁବିଧା କରାଯାଇଛି। ବିଭିନ୍ନ ବର୍ଗର ମତଦାତାଙ୍କୁ ସହଯୋଗ କରିବା ପାଇଁ ବିଭିନ୍ନ ବୁଥ୍‌ରେ ସେଚ୍ଛାସେବୀ ନିୟୋଜିତ କରାଯାଇଛି। ନିର୍ବାଚନରେ ବିଭିନ୍ନ କାର୍ଯ୍ୟରେ ସମୁଦାୟ ବଡ଼ ଓ ଛୋଟ ଚାରିଚକିଆ ୭୨୧ଟି ଗାଡି ବ୍ୟବହୃତ ହେଉଥିବା ସୂଚୀତ କରାଯାଇଛି। ସମଗ୍ର ପୁଲିଂ ବୁଥ୍‌ର ୬୦ ପ୍ରତିଶତ ବୁଥ୍‌ରେ ୱେବ୍ କାଷ୍ଟିଂ ହେବ। ସମଗ୍ର ନିର୍ବାଚନକୁ ନିରପେକ୍ଷ ଭାବରେ ସମ୍ପୂର୍ଣ୍ଣ ଶାନ୍ତି ଶୃଙ୍ଖଳାର ସହ ପରିଚାଳନା କରିବା ଉପରେ ଜିଲ୍ଲା ପ୍ରଶାସନ ତତ୍ପର ରହିଛି। ନିର୍ବାଚନର ଏହି ଗଣ ପର୍ବକୁ ଶାନ୍ତି ଶୃଙ୍ଖଳା ଓ ନିରପେକ୍ଷ, ଅବାଧ ଭାବେ ସମାପନ କରିବା ନିମନ୍ତେ ଜିଲ୍ଲାର ସମସ୍ତ ନାଗରିକ, ଭୋଟର ତଥା ଜନସାଧାରଣ ଆନ୍ତରିକ ସହଯୋଗ ରଖି ସାମିଲ ହେବାକୁ ଜିଲ୍ଲା ପ୍ରଶାସନ ତରଫରୁ ଅନୁରୋଧ କରାଯାଇଛି।

# ଗୁଦଗୁଦାକୁ ରାସ୍ତା ଖୋଲିଲା

## ଗାଁର ଉଭୟ ପଟେ ବାଡ଼ ଦେଇ ଅବରୋଧ କରାଯାଇଥିଲା

## 'ସକାଳ'ରେ ଖବର ପ୍ରକାଶର ୬ ଘଣ୍ଟା ଭିତରେ ପ୍ରଶାସନର ପଦକ୍ଷେପ

**ସୁବଳୟା, ୧୮ ।୫(ସମିସ)**

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକର ଗୁଦଗୁଦାକୁ ଶେଷରେ ରାସ୍ତା ଖୋଲିଛି। ଏହି ଗାଁକୁ ରାସ୍ତା ବନ୍ଦ ନେଇ ଦୈନିକ ସକାଳରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ଓ ପୁଲିସ ତୁରନ୍ତ ପଦକ୍ଷେପ ନେଇଛି।

ଅମରପାଲି-ଗୁଦଗୁଦା ଓ ଝାରବନ୍ଧ ପଟ୍ଟ ପୂର୍ତ୍ତ ବିଭାଗର ନିର୍ମାଣାଧୀନ ରାସ୍ତାକୁ କେତେକ ବ୍ୟକ୍ତି ବାଡ ଦେଇ ଅବରୋଧ କରିଥିଲେ। ଏହା ଫଳରେ ଏକ ମାସ ହେଲା ଗୁଦଗୁଦାକୁ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଗ୍ରାମର ଲୋକେ ବାହାରକୁ ଯିବା ଆସିବା କରି ପାରୁ ନ ଥିଲେ। ଦୀର୍ଘ ଦିନର ଦାବି ପରେ ଏହି ଗ୍ରାମକୁ ଏବେ ଏକ ନୂତନ ରାସ୍ତା ନିର୍ମାଣ କରାଯାଉଛି। ରାସ୍ତା ପାଇଁ ପୋଲ ନିର୍ମାଣ ମଧ୍ୟ ଅନ୍ତିମ ପର୍ଯ୍ୟାୟରେ ରହିଛି। ତେବେ ଗତ ୨୭ ତାରିଖରେ ଅମରପାଲି ଗ୍ରାମର କେତେକ ବ୍ୟକ୍ତି ଓ ଗୁଦଗୁଦା ଗାଁର ଜଣେ ବ୍ୟକ୍ତି ଏହି ରାସ୍ତା ମଝିରେ ଗୋଟିଏ ଗୋଟିଏ ବାଡ଼ ଦେଇ ଅବରୋଧ କରିଥିଲେ। ସେମାନଙ୍କ ଦାବି ଅନୁସାରେ ରାସ୍ତାର କେତେକ ଅଂଶ ତାଙ୍କର ରୟତି ଜମି ଥିବାରୁ ସେମାନେ ବାଡ ଦେଇଥିବା ଜଣା ପଡ଼ିଥିଲା। ପୂର୍ବରୁ ମଧ୍ୟ ସେମାନେ ଏହି ରାସ୍ତାରେ ବାଡ ଦେଇ ଅବରୋଧ କରିଥିଲେ। ମାତ୍ର ସେହି ସମୟରେ ଆଲୋଚନା କରି ରାସ୍ତା ଛାଡ଼ି ଦିଆଯାଇଥିଲା। ଏ ନେଇ ଗତ ମାର୍ଚ୍ଚ ୨୭ ତାରିଖରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ବୀରମହାରାଜପୁର ତହସିଲ କାର୍ଯ୍ୟାଳୟକୁ ଯାଇ ଅଭିଯୋଗ କରିଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇପାରୁ ନ ଥିଲା। ନିର୍ବାଚନକୁ ଦୃଷ୍ଟିରେ ରଖି ଭୋଟ ବର୍ଜନ କରିବା ପାଇଁ ଗାଁ ଲୋକେ ଚେତାବନୀ ଦେଇଥିଲେ। ଉପ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ପୁଲିସ ଯାଇ ଲୋକଙ୍କୁ ବୁଝାସୁଝା କଲାପରେ ରାସ୍ତାରୁ ବାଡ଼ ହଟାଯାଇଥିବା ଗାଁ ଲୋକେ ପ୍ରକାଶ କରିଛନ୍ତି।

